


# ଆମେ ଆଉ ଗଣତନ୍ତ୍ର



# ଆମେ ଆଉ ଗଣତନ୍ତ୍ର

ରଚନା : ଶ୍ରୀ ସୁବ୍ରତ ସାହୁ
ସହାୟତା : ଶ୍ରୀ ସହଦେବ ସାହୁ

ଓଡ଼ିଶା ବୁକ୍ ଷ୍ଟୋର

# ଆମେ ଆଉ ଗଣତନ୍ତ୍ର

ରଚନା : ଶ୍ରୀ ସୁବ୍ରତ ସାହୁ
ସହାୟତା : ଶ୍ରୀ ସହଦେବ ସାହୁ

ପ୍ରକାଶକ :

ଶ୍ରୀ ଗୋବିନ୍ଦ ଚରଣ ପାଣ୍ଡ

**ଓଡ଼ିଶା ବୁକ୍ ଷ୍ଟୋର**

ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ପ୍ରକାଶ : ୧୯୮୯

ମୁଦ୍ରଣ :

**ରେଖା ପ୍ରେସ**

ବାଙ୍କିସାହି, କଟକ-୭୫୩୦୦୯

ମୂଲ୍ୟ : ଟ ୫-୨୫

# ଗାଁ, ରାଜ୍ୟ ଓ ରାଷ୍ଟ୍ର


ଆମ ଦେଶ ଭାରତ ଗୋଟିଏ ବଡ଼ ରାଷ୍ଟ୍ର । ଏଥିରେ ପ୍ରାୟ ୫ ଲକ୍ଷରୁ ଅଧିକ ଗାଁ ଅଛି । ଦିଲ୍ଲୀ, କଲିକତା, ବମ୍ବେ ଓ ମାଡ୍ରାସ ଭଳି ବଡ଼ ବଡ଼ ସହର ଅଛି । ଆମ ଦେଶରେ



ପ୍ରାୟ ୮୦ କୋଟି ଲୋକ ବାସ କରନ୍ତି । ଏଥିରୁ ଅଧିକାଂଶ ଲୋକ ଗାଁ ଗହଳରେ ରହନ୍ତି ।

୧୯୪୭ ଅଗଷ୍ଟ ୧୫ ରେ ଆମ ଦେଶ ସ୍ୱାଧୀନ ହେଲା । ଆମଦେଶ ଭାଗ ଭାଗ ହୋଇ ଭାରତ ଓ ପାକିସ୍ଥାନ ନାମକ ଦୁଇଟି ରାଷ୍ଟ୍ର ହେଲା । ୧୯୭୧ ରେ ପାକିସ୍ଥାନର ପୂର୍ବଭାଗ ବାଙ୍ଗଲାଦେଶ ରାଷ୍ଟ୍ର ହେଲା ।

୧୯୫୦ ଜାନୁଆରୀ ୨୬ ତାରିଖରେ ଆମ ଦେଶରେ ନୂଆ ସମ୍ବିଧାନ ଚାଲୁ ହେଲା । ଭାରତ ସେହିଦିନଠାରୁ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ର ହେଲା ।





( ଭାରତ ଓ ପାଖ ଅଞ୍ଚଳ )

ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଆଦି ଗୋଟିଏ ଗୋଟିଏ ରାଜ୍ୟ । କିନ୍ତୁ ଭାରତବର୍ଷ ଗୋଟିଏ ରାଷ୍ଟ୍ର । ଯେଉଁମାନେ ରାଜନୀତିବିଜ୍ଞାନ ପଢ଼ନ୍ତି, ସେମାନେ ଏହି "ରାଷ୍ଟ୍ର" ଶବ୍ଦର ଗୋଟିଏ ଅଲଗା ଅର୍ଥ କରନ୍ତି । ସାଧାରଣ କଥାବାର୍ତ୍ତାରେ

ଆମେ ରାଷ୍ଟ୍ରକୁ "ଦେଶ" କହୁଥାଉ । କିନ୍ତୁ ସବୁ ଦେଶ ରାଷ୍ଟ୍ର ନୁହେଁ । ରାଷ୍ଟ୍ରର ଚାରୋଟି ଗୁଣ ଅଛି । ସେଥିରୁ କୌଣସି ଗୋଟିକର ଅଭାବ ରହିଲେ ରାଷ୍ଟ୍ର ହୋଇ ପାରିବ ନାହିଁ ।

ଏହି ଚାରୋଟି ଗୁଣ ହେଲା—ଲୋକ, ଇଲାକା, ସରକାର ଏବଂ ସାର୍ବଭୌମ କ୍ଷମତା । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାୟୀ ଭାବରେ ବାସକରୁଥିବା ଏବଂ ଆଇନର ଶାସନ ଚଳାଇବା ପାଇଁ ସରକାର ଗଢ଼ିଥିବା ଲୋକମାନଙ୍କୁ




ରାଷ୍ଟ୍ର କୁହାଯାଏ । ଏଥିରୁ ଜଣାଯାଉଛି ଯେ ନିର୍ଜନ ଦ୍ୱୀପକୁ ରାଷ୍ଟ୍ର କୁହାଯିବ ନାହିଁ । ସବୁଦିନେ ଘୂରିବୁଲୁଥିବା ଯାଯାବର ଲୋକଙ୍କ ରାଷ୍ଟ୍ର ତିଆରି ହୋଇ ପାରିବ ନାହିଁ । ଓଡ଼ିଶା ଭଳି ରାଜ୍ୟର ନିଜ ସରକାର ଅଛି । ତା ଉପରେ

ଦିଲ୍ଲୀରେ ଆଉ ଗୋଟିଏ ସରକାର ଥିବାରୁ ଓଡ଼ିଶା ରାଜ୍ୟ ରାଷ୍ଟ୍ରହୋଇ ପାରିବ ନାହିଁ ।

ରାଷ୍ଟ୍ରଟିଏ ହେବା ପାଇଁ କେତେ ଲୋକ ବା କେତେ ଅଞ୍ଚଳ ଦରକାର, କେହି ଠିକ୍ କରି ନାହିଁ । ଆୟତନରେ ରୁଷିଆ ପୃଥିବୀର ସବୁଠାରୁ ବଡ଼ ଦେଶ । ଏହା ଗୋଟିଏ ରାଷ୍ଟ୍ର । ଖ୍ରୀଷ୍ଟାନମାନଙ୍କ ପୋପ୍ ରହୁଥିବା "ଭାଟିକାନ୍ ନଗର"ର ରକବା ମାତ୍ର ଅଧ ବର୍ଗ କିଲୋମିଟର । ତାହା ବି ଗୋଟିଏ ରାଷ୍ଟ୍ର । ଆମ ରାଜ୍ୟରେ କେତେଗୁଡ଼ିଏ ଗାଁ ଭାଟିକାନ ନଗର ଠାରୁ ବଡ଼ । କିନ୍ତୁ ଗାଁ ଗୁଡ଼ିକରେ ସ୍ୱାଧୀନ ସରକାର ନାହିଁ । ତେଣୁ ସେଗୁଡ଼ିକ "ରାଷ୍ଟ୍ର" ହୋଇ ପାରିବେ ନାହିଁ ।

ଚୀନ ରାଷ୍ଟ୍ରରେ ସବୁଠୁ ବେଶୀ ମଣିଷ । ପ୍ରାୟ ୧୧୦ କୋଟି । କିନ୍ତୁ "ଭାଟିକାନ୍ ସିଟି" ରାଷ୍ଟ୍ରରେ ମାତ୍ର ହଜାରେ ଲୋକ ରହନ୍ତି । ଚୀନ ଯେପରି ଗୋଟିଏ ରାଷ୍ଟ୍ର, ଭାଟିକାନ୍ ନଗରୀ ମଧ୍ୟ ସେହିଭଳି ଗୋଟିଏ ରାଷ୍ଟ୍ର ।

ଯେଉଁ ଲୋକମାନେ କୋଉଠି ଗୋଟିଏ ଜାଗାରେ ସବୁଦିନେ ରହନ୍ତି ନାହିଁ, ସେମାନେ ରାଷ୍ଟ୍ର ଗଢ଼ିପାରିବେ ନାହିଁ ।

୧୯୪୮ ପୂର୍ବରୁ ଇହୁଦୀମାନେ ଏକ ଜାତିଥିଲେ; କିନ୍ତୁ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ବସବାସ କରୁଥିବାରୁ ସେମାନଙ୍କ ନିଜର ସ୍ୱାଧୀନ ଅଞ୍ଚଳ ନ ଥିଲା । ସେମାନେ ରାଷ୍ଟ୍ର ଗଢ଼ି ପାରି ନଥିଲେ । ୧୯୪୭ ନଭେମ୍ବର ୨୯ରେ ଜାତିସଂଘ ସେତେବେଳର ପାଲେଷ୍ଟାଇନ ଅଞ୍ଚଳକୁ ଆରବ ଓ ଇହୁଦୀ-

ମାନଙ୍କ ମଧ୍ୟରେ ବାଣ୍ଟିଦେଲେ । ୧୯୪୮ ମେ ୧୫ ରୁ ଇହୁଦୀମାନେ ବସବାସ କରୁଥିବା ଅଞ୍ଚଳଟି ଇସ୍ରାଏଲ ରାଷ୍ଟ୍ର ହେଲା । ବର୍ତ୍ତମାନ ଆରବ ଲୋକେ ପାଲେ-ଷ୍ଟାଇନ ରାଜ୍ୟ ଗଢ଼ିବା ପାଇଁ ଆନ୍ଦୋଳନ କରୁଛନ୍ତି । ସେମାନଙ୍କୁ ପାଲେସ୍ତାନୀ ଜାତି ବୋଲି ଧରାଯାଉଛି । କିନ୍ତୁ ଇସ୍ରାଏଲ ଅଧୀନରେ ଥିବାରୁ ସେମାନେ ରାଷ୍ଟ୍ର ଗଢ଼ି ପାରୁ ନାହାନ୍ତି । ଏହି କାରଣରୁ ଆରବ ଇସରାଏଲୀ ହିଂସାକାଣ୍ଡ ଚାଲୁ ରହିଛି ।

ରାଷ୍ଟ୍ର କମିଟିକୁ ଜିନିଷ ଆଖିରେ ଦେଖି ହୁଏ ନାହିଁ । ତେଣୁ ଯେଉଁଠି ସରକାରଟିଏ ଅଛି ସେଠି ରାଷ୍ଟ୍ର ଅଛି ବୋଲି ଆମେ କହୁଁ । ବିନା ସରକାରରେ ରାଷ୍ଟ୍ର ସମ୍ଭବ ନୁହେଁ । କିନ୍ତୁ ସରକାର ରାଷ୍ଟ୍ର ନୁହେଁ । ରାଷ୍ଟ୍ରର ଇଚ୍ଛାକୁ ସରକାର ହିଁ ରୂପ ଦିଏ । ସେହି ଅନୁସାରେ ଶାସନ ଚଳାଏ । ଗୋଟିଏ କଥାରେ କହିଲେ, ସରକାର ହେଉଛି ରାଷ୍ଟ୍ରକୁ ଚଳାଇବାର କଳ । ଆମେ ଯେପରି ସରଳ, ଜଟିଳ, ଛୋଟ, ବଡ଼ ବହୁତ ପ୍ରକାର କଳ ଦେଖିବାକୁ ପାଉଁ, ସେହିପରି ସରକାରର ରୂପ ବିଭିନ୍ନ ପ୍ରକାର ହୋଇଥାଏ ।

ଆମେ ବହୁତ ସମୟରେ ଭୁଲ କରି ସରକାର ଓ ରାଷ୍ଟ୍ରକୁ ଏକା ଜିନିଷ ବୋଲି କହୁଁ । ଏକଥା ସତ ଯେ ସରକାର ନ ଥିଲେ ଦେଶ ଦଳ ଦଳ ଓ ଅଞ୍ଚଳ ଅଞ୍ଚଳ ଭିତରେ ଭାଗ ଭାଗ ହୋଇଯିବ । ତେଣୁ ରାଷ୍ଟ୍ରକୁ ସଂଗଠିତ କରି ରଖିବାକୁ ସରକାର ଦରକାର । ଏକାଠି କରି ରଖିବାକୁ ସରକାର ଦରକାର ।

ସରକାର ବଦଳିଲେ, ପୁରୁଣା ଯାଇ ନୂଆ ସରକାର ଆସେ । କିନ୍ତୁ ରାଷ୍ଟ୍ର ସବୁଦିନ ପାଇଁ ଥାଏ । ଶାସକ ଦଳ ବଦଳି ପାରେ, ରାଜା ବଦଳି ପାରନ୍ତି । ସୈନ୍ୟ ବାହିନୀ ସରକାରକୁ ଓଲଟପାଲଟ କରିପାରନ୍ତି । କିନ୍ତୁ ରାଷ୍ଟ୍ର ଯେମିତିକୁ ସେମିତି ଥାଏ । ନିତିଦିନିଆ କାରବାରରେ ରାଷ୍ଟ୍ର ଓ ସରକାର ଭିତରେ ପ୍ରଭେଦ କିଛି ଜାଣି ହୁଏ ନାହିଁ । କିନ୍ତୁ ବହୁତ ଦିନର କାମ ହିସାବକୁ ନେଲେ ଆମେ ଦେଖିବା, ରାଷ୍ଟ୍ର ସ୍ଥାୟୀ ଓ ସରକାର ପରିବର୍ତ୍ତନଶୀଳ । ରାଷ୍ଟ୍ରର ସାର୍ବଭୌମତ୍ୱ ଅଛି; ଅର୍ଥାତ୍ ରାଷ୍ଟ୍ର ସମସ୍ତଙ୍କ ଉପରେ ମାଲିକ ।

ଏହି ପ୍ରଭୁତ୍ୱ ସରକାର ମାଧ୍ୟମରେ ପ୍ରକାଶ ପାଏ । ଦେଶ ଭିତରେ ଛୋଟ ଛୋଟ ରାଜ୍ୟ ଥାଇପାରେ । ତହିଁରେ ପ୍ରାଦେଶିକ ସରକାର ଥାଇପାରେ । ରାଜ୍ୟ ଭିତରେ ଜିଲ୍ଲା ଏବଂ ଜିଲ୍ଲା ପ୍ରଶାସନ ଥାଏ । ଆଦିବାସୀ ଅଞ୍ଚଳରେ ଆଦିବାସୀ ପ୍ରଶାସନ ପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ଥାଇପାରେ । ଏମିତି ଯେତେ ଥାଉନା କାହିଁକି ଦେଶ ଭିତରେ ସବୁ ଅନୁଷ୍ଠାନ, ସବୁ ଲୋକ ରାଷ୍ଟ୍ରକୁ ଚଳାଉଥିବା ସରକାରଙ୍କ ଅଧୀନରେ ଥାଆନ୍ତି ।

ଆମ ଦେଶ ଭଳି ବହୁତ ଦେଶ ଜାତିସଂଘର ସଭ୍ୟ ହୋଇଛନ୍ତି, କିନ୍ତୁ ସେମାନେ ଜାତିସଂଘର ଅଧୀନ ନୁହନ୍ତି । ନିଜ ନିଜ ଇଚ୍ଛାରେ ସେମାନେ ଜାତିସଂଘର ସଭ୍ୟ ହୋଇଛନ୍ତି । ଗାଁ ଯୁବକ ସଂଘର ବା ମହିଳା ସମିତିର ମେମ୍ବର ହୋଇ ଆମେ ଯୁବକ ସଂଘ ବା ମହିଳା ସମିତିର ନିୟମ ମାନି ନେଉ । ଭାରତ ଓ ପାକିସ୍ଥାନ ଭଳି ରାଷ୍ଟ୍ରମାନେ

ସେହିଭଳି ଜାତିସଂଘର ସଭ୍ୟ ହିସାବରେ ତାର କେତେ-ଗୁଡ଼ାଏ କଥା ମାନନ୍ତି ।

ସମିତି ବା ସଂଘର ମେମ୍ବର ହେଲେ ଆମେ ସମାଜରୁ କିଛି ଫାଇଦା ଉଠାଉ । ଅନ୍ୟ ରାଷ୍ଟ୍ରମାନଙ୍କ ସହିତ କାରବାରରେ ସେହି ପ୍ରକାର ଫାଇଦା ଉଠାଇବା ପାଇଁ ରାଷ୍ଟ୍ରମାନେ ଜାତିସଂଘର ସଭ୍ୟ ହୋଇଛନ୍ତି । ରାଷ୍ଟ୍ରର ସ୍ୱାର୍ଥ ପାଇଁ ସରକାର ତାହାର ସାର୍ବଭୌମତ୍ୱକୁ ସଙ୍କୁଚିତ କରି ପାରନ୍ତି । କିନ୍ତୁ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ସାର୍ବଭୌମତ୍ୱକୁ କମାଇଲା ଭଳି କୌଣସି କାମ ସରକାର ବରଦାସ୍ତ କରନ୍ତି ନାହିଁ ।


ଯେଉଁ ଲୋକମାନେ ରାଷ୍ଟ୍ର ଗଢ଼ନ୍ତି, ସେହିମାନଙ୍କ ମଧ୍ୟରେ ଲଢ଼େଇ ଲାଗିଲେ କିମ୍ବା ତାହାର ରାଷ୍ଟ୍ର ଜୋର ଜବରଦସ୍ତ କରି ସେମାନଙ୍କୁ ଭାଗ ଭାଗ କରିଦେଲେ, ନୂଆ ରାଷ୍ଟ୍ର ତିଆରି ହୁଏ । ୧୯୭୧ ଡ଼ିସେମ୍ବରରେ ଏହିପରି ଭାବରେ ବାଂଲାଦେଶ ତିଆରି ହୋଇଛି । ପଶ୍ଚିମ ପାକିସ୍ଥାନର ଅନ୍ୟାୟ ଶାସନ ବିରୁଦ୍ଧରେ ପୂର୍ବ ପାକିସ୍ଥାନର ଲୋକେ ମୁକ୍ତିବାହିନୀ ଜରିଆରେ ଲଢ଼େଇ କରୁଥିଲେ । ଭାରତ ସେମାନଙ୍କୁ ସାହାଯ୍ୟ କରିବାରୁ ପଶ୍ଚିମ ପାକିସ୍ଥାନର ସରକାର ସେଠାରୁ ହଟିଗଲେ । ପୂର୍ବ ପାକିସ୍ଥାନଟି ବାଂଲାଦେଶ ନାମରେ ନୂଆ ରାଷ୍ଟ୍ର ହେଲା ।

## ଆଇନର ଶାସନ

ରାଷ୍ଟ୍ରର ସାର୍ବଭୌମତ୍ୱ ନାଁରେ ସରକାର ଲୋକଙ୍କ ଉପରେ ଅନ୍ୟାୟ ଶାସନ କରିପାରିବେ ନାହିଁ ।

ରାଷ୍ଟ୍ର ବନାମ ନାଗରିକ ବା ସରକାର ବନାମ ବ୍ୟକ୍ତି—କାହାର କି ପ୍ରକାର ଅଧିକାର ତାହା ଠିକ୍ କରିବା ପାଇଁ ଆଇନ ଥାଏ । ରାଷ୍ଟ୍ରର ସାର୍ବଭୌମତ୍ୱ ଅଛି ବୋଲି ସରକାର ମନଇଚ୍ଛା ଶାସନ କରିପାରିବେ ନାହିଁ । ପ୍ରତି ଦେଶରେ ଶାସନ ପାଇଁ ଦୁଇ ପ୍ରକାର ଆଇନ ରହିଲେ—ଗୋଟିଏ ସର୍ବୋଚ୍ଚ ଆଇନ ଓ ଅନ୍ୟଟି ସାଧାରଣ ଆଇନ । ସର୍ବୋଚ୍ଚ ଆଇନକୁ ସମ୍ବିଧାନ କୁହାଯାଏ । ସାଧାରଣ ଭାବରେ ଏହାର ସଂଶୋଧନ ହୋଇପାରେ ନାହିଁ । ଏହାକୁ ବଦଳାଇବାକୁ ହେଲେ ସ୍ୱତନ୍ତ୍ର ସଂଖ୍ୟାର ଭୋଟ ଦରକାର ।

ଆମ ଦେଶରେ ସମ୍ବିଧାନର କୌଣସି ଧାରା ବଦଳାଇବାକୁ ହେଲେ ଲୋକସଭା ଓ ରାଜ୍ୟସଭା ନାମକ ଦୁଇ ଗୃହ ଅଛି । ପ୍ରତ୍ୟେକ ଗୃହରେ ଉପସ୍ଥିତ ଥିବା ସଭ୍ୟଙ୍କ



[ ଭାରତର ପାର୍ଲାମେଣ୍ଟ ଭବନ ]

ଭିତରୁ ତିନିଭାଗରୁ ଦୁଇଭାଗ ଭୋଟ ଦେଲେ ହିଁ ସଂଶୋଧନ ବିଲ୍‌ଟି ପାସ୍ ହେବ । ପୁଣି ଏହି ଦୁଇତୃତୀୟାଂଶ ସଂଖ୍ୟା ପ୍ରତ୍ୟେକ ଗୃହରେ ମୋଟ ସଭ୍ୟ ସଂଖ୍ୟାର ଅଧାରୁ କମ୍ ହେଲେ ସମ୍ବିଧାନର ଧାରା ବଦଳି ପାରିବ ନାହିଁ । କେତେ-

ଗୁଡ଼ିଏ ବିଶେଷ ଧାରାକୁ ବଦଳାଇବା ପାଇଁ ଏହି ସର୍ତ୍ତ ସାଙ୍ଗକୁ ଆଉ ଗୋଟିଏ ସର୍ତ୍ତ ରଖାଯାଇଛି । ଦେଶରେ ଥିବା ବିଭିନ୍ନ ରାଜ୍ୟର ଅନ୍ତତଃ ଅଧେଉ ବିଧାନ ସଭା ଏହାକୁ ଗ୍ରହଣ କରିନେବା ଉଚିତ ।

ଏଭଳି କଡ଼ା ବ୍ୟବସ୍ଥା ଯୋଗୁଁ ନାଗରିକମାନଙ୍କ ଅଧିକାର ସୁରକ୍ଷିତ ରହିଛି । ନାଗରିକ ହିସାବରେ ଆମେ ଏମିତି ଚେଷ୍ଟା ଦେବା ଯେ ସମ୍ବିଧାନକୁ ବଦଳାଇବାକୁ ଚାହୁଁ ଥିବା ଦଳ ଶାସନକୁ ଆସି ପାରିବେ ନାହିଁ ।

ସମ୍ବିଧାନ ତଳକୁ କିନ୍ତୁ ସମ୍ବିଧାନର ସର୍ତ୍ତ ମାନି ବହୁତ ପ୍ରକାର ଆଇନ ସରକାର ତିଆରି କରନ୍ତି । ସବୁ ଆଇନ ବିଧାନସଭା ବା ପାର୍ଲାମେଣ୍ଟ ଦ୍ୱାରା ଗୃହୀତ ହୋଇ-ଥିବା ଦରକାର । ସରକାରୀ କର୍ମଚାରୀମାନେ ମନଇଚ୍ଛା ଆଇନ ତିଆରି କରିପାରିବେ ନାହିଁ ।

ବେଳେ ବେଳେ ଶାସକ ଦଳ ମନଇଚ୍ଛା ଶାସନ କରିବାକୁ ଚାହେଁ । ନିଜ ଲୋକଙ୍କୁ ବେଶୀ ଅନୁଗ୍ରହ ଦେଖାଇବାକୁ ଚାହେଁ । ସେ କ୍ଷେତ୍ରରେ ସରକାରରେ ଥିବା କର୍ମଚାରୀ ଆଇନ ଅନୁଯାୟୀ କାମ କରି ଶାସକ ଦଳର ଲୋକଙ୍କ ମନୋମୁଖୀ କାମକୁ ଅଟକାଇ ଦିଅନ୍ତି । ଏହି କାରଣରୁ କେତେକ କହନ୍ତି ଆଇନର ଶାସନ ଚାଲୁ ରଖିବାକୁ ହେଲେ ନିରପେକ୍ଷ ଅମଲାତନ୍ତ୍ର ଦରକାର ।

ବେଳେ ବେଳେ ଶାସକ ଦଳ ନିଜର ଅନୁଗତ ବା ତୋଷାମଦକାରୀ ଲୋକଙ୍କୁ ଅମଲାତନ୍ତ୍ରରେ ପୂରାନ୍ତି ।

ଅମଲାତନ୍ତ୍ରରେ ପଶିଥିବା କର୍ମଚାରୀଙ୍କୁ ଭୟଭୀତ କରାଇ କାମ ହାସଲ କରନ୍ତି । ପ୍ରଲୋଭନ ଦେଖାଇ ସେମାନଙ୍କୁ ନିଜର କରିନିଅନ୍ତି । ସେଭଳି କ୍ଷେତ୍ରରେ ଆଇନର ଶାସନ ହଟିଯାଏ । ଚନ୍ଦ୍ରାପରଚର ଶାସନ ଚାଲେ । ତେଣୁ ଲୋକ-ପ୍ରତିନିଧି ବାଛିବା ପାଇଁ ଭୋଟ ଦେବାବେଳେ ଆମେ ଦେଖିବା, ଯେଉଁ ଲୋକକୁ ବା ଦଳକୁ ଆମେ ଭୋଟ ଦେଉଛୁ, ସେ ଯେପରି ଆଇନର ଖିଲାପ କରିବ ନାହିଁ କି ପ୍ରିୟାପ୍ରୀତି ତୋଷଣ କରିବ ନାହିଁ ।

## ଆମ ଭିତରେ କେତେକଣ ସବୁବେଳେ ଆଗୁଆ ରହନ୍ତି

ଆମେ ଜାଣୁ ଯେ ପାଞ୍ଚ ଆଙ୍ଗୁଠି ସମାନ ନୁହେଁ । ସେହିଭଳି ସବୁ ଲୋକ ସମାନ ନୁହନ୍ତି । ଲୋକଙ୍କ ଭିତରେ କେତେକ ବେଶି ଚାଲାକ, ବେଶି କୁଶଳୀ ଥା'ନ୍ତି । ଆଉ କେତେକ ବେଶି ଜ୍ଞାନୀ ବା ବେଶି ସମ୍ପତ୍ତିବାଲା ଥାନ୍ତି । ଏହିମାନେ ହିଁ କ୍ଷମତାର ଡୋରିକୁ ନିଜ ହାତରେ ରଖନ୍ତି । ଏମାନେ ଉଚ୍ଚ ବଂଶର ହୁଅନ୍ତୁ ବା ଧନୀ ଶ୍ରେଣୀର ହୁଅନ୍ତୁ, ସବୁବେଳେ ଗଣତନ୍ତ୍ରରେ ଲୋକ ପ୍ରତିନିଧି ହେବାକୁ ଚେଷ୍ଟା ଚଳାଇଥାନ୍ତି । ଗରିବଗୁରୁବାମାନେ ଏକାଠି ହୋଇ ପାରନ୍ତି ନାହିଁ । ତେଣୁ ତାଙ୍କ କଥା କେହି ଶୁଣନ୍ତି ନାହିଁ ।

ଥିଲାବାଲା ଲୋକେ ନଥିଲାବାଲାଙ୍କୁ ନେଇ ଦଳ ଗଢ଼ନ୍ତି; ସେମାନେ ସଂଖ୍ୟାରେ ଅଳ୍ପ ହେଲେ ମଧ୍ୟ ବହୁ

ସଂଖ୍ୟାର ନଥିଲାବାଲାଙ୍କୁ ରାସ୍ତା ଦେଖାନ୍ତି । ଗଣତନ୍ତ୍ରର ମୂଳମନ୍ତ୍ର ହେଲା : ଆଜିର ମଳା ମୁଣ୍ଡିଆ କାଲି ରାଷ୍ଟ୍ରପତି ହୋଇ ପାରିବ । ଅର୍ଥାତ୍ ରାଜନୈତିକ ଦୃଷ୍ଟିକୋଣରୁ ସମସ୍ତେ ସମାନ । କିନ୍ତୁ ପ୍ରକୃତରେ ତାହା ହୁଏ ନାହିଁ । ଥିଲାବାଲା ଲୋକେ କଳେବଳେ କୌଶଳେ ନିର୍ବାଚନରେ ଜିତି ସରକାର ଗଢ଼ନ୍ତି ।



ଲୋକଙ୍କ ଶିକ୍ଷା ଦୀକ୍ଷାର ଅଭାବ ଥିଲେ ସେମାନଙ୍କୁ ଥିଲାବାଲାମାନେ ସହଜରେ ଭେଲକି କରି ଦିଅନ୍ତି । ତେଣୁ ଗଣତନ୍ତ୍ରର ସଫଳତା ପାଇଁ ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଦରକାର । ଶିକ୍ଷିତ ଲୋକ ହିଁ କେଉଁଟା ଭଲ କେଉଁଟା ଭେଲ ସହଜରେ ବୁଝି ପାରିବ । ସେହି ଅନୁଯାୟୀ ଭୋଟ ଦେବ । ନେତାଙ୍କ ଫାଙ୍କା ଆୱାଜରେ

ଭୁଲିଯିବ ନାହିଁ । ଲାଞ୍ଚ ଲୋଭରେ ମଧ୍ୟ ସେ ସହଜରେ ଭୋଳିକି ଯିବ ନାହିଁ ।

୧୯୮୧ ଜନଗଣନା ଅନୁସାରେ ଆମ ଦେଶରେ ସାକ୍ଷର ସଂଖ୍ୟା ୨୪ କୋଟି ଓ ନିରକ୍ଷର ସଂଖ୍ୟା ୪୩ କୋଟି ।

ସାକ୍ଷର ହେଉ କି ନିରକ୍ଷର ହେଉ ୧୮ ବର୍ଷରୁ ବେଶୀ ବୟସର ଲୋକେ ଭୋଟ ଦେବେ । ନିରକ୍ଷରଙ୍କ ଭିତରେ ପ୍ରାୟ ୨୨ କୋଟି ଭୋଟର ଅଛନ୍ତି । ସେହିମାନଙ୍କୁ ଶିକ୍ଷିତ କଲେ ନିର୍ବାଚନରେ ବିଭିନ୍ନ ପ୍ରାର୍ଥୀ ଓ ବିଭିନ୍ନ ନୀତି ମଧ୍ୟରେ ସେମାନେ ବାଛ ବିଚାର କରିପାରିବେ । ଏଥିପାଇଁ ସରକାର ପ୍ରୌଢ଼ଶିକ୍ଷା ଓ ଅନୌପଚାରିକ ଶିକ୍ଷାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯେଉଁ ଗଣତନ୍ତ୍ରରେ ଶିକ୍ଷା ନାହିଁ, ସେଇଁଠାରେ ଠକାମି ଓ ଭଣ୍ଡାମି ବେଶି ଚାଲିବ ।

## ସବୁଠୁ ବଡ଼କଥା : ପସନ୍ଦ


କଥାରେ ଅଛି—ଖରଚ କରିବ ଲକ୍ଷେ ଟଙ୍କା, ପସନ୍ଦ ନ ଥିଲେ ସବୁ ଫଙ୍କା । ପସନ୍ଦ କରିବା ବା ବାଛିବା କେଉଁଠି ଭୁଲ ହୁଏ ? ଯେଉଁଠି ଆମର କାଣ୍ଡଜ୍ଞାନର ଅଭାବ ରହେ । ଲୋକମାନଙ୍କ ଭିତରେ ନିଜକୁ ଶାସନ କରିବାର କ୍ଷମତା ଅଛି : ଏହି ବିଶ୍ୱାସ ଉପରେ ଗଣତନ୍ତ୍ରର ପ୍ରତିଷ୍ଠା ।

ଗାଁରେ ପାଞ୍ଚଜଣ ବସି ଗାଁ କଜିଆର ମୀମାଂସା କରନ୍ତି ।

ଯାହାକୁ ଆମେ ନିଶାପ କହୁଁ । ଭାଇ ଭାଇ ବଣ୍ଟା ଆରରେ ପଞ୍ଚାୟତନାମା ହୁଏ । ଯଦି ଗାଁରେ ଆମେ ଛୋଟ ବଡ଼

ସମସ୍ୟାର ନିଷ୍ପତ୍ତି କରି ପାରୁଛୁ, ତେବେ ଦେଶ ଶାସନରେ କେଉଁଟା ଭଲ, କେଉଁଟା ଭେଲ କାହିଁକି ଜାଣି ନ ପାରିବା ?

ତଥାପି ଥରେ ଥରେ ଭୁଲ ହୋଇଯାଏ । ଆମେ ଆମ ପରିବାର ପ୍ରତି, ଗାଁ ପ୍ରତି ଓ ଅଞ୍ଚଳ ପ୍ରତି କେତେବେଳେ ପକ୍ଷପାତ କରୁ । ଯଥା, ଆମ ଗାଁରେ ଆଗ ନଳକୂପ ନ ଖୋଳିଲେ ଆମେ ଖୋଳିବା ଯନ୍ତ୍ରକୁ ଅନ୍ୟ ଗାଁକୁ ଛାଡ଼ୁନା । ଏମିତି କେତେ ଉଦାହରଣ ଦେଇ ହେବ ।



ଆମେ ଶିକ୍ଷିତ ହେଲେ, ଆମ ଗାଁର ବୁଢ଼ା ବୁଢ଼ୀମାନେ ଶିକ୍ଷିତ ହେଲେ, ସେମାନେ ଠିକ୍ ତଉଲ କରି ପାରିବେ, କେଉଁ ଅଞ୍ଚଳରେ କେଉଁ କାମ ଆଗ ଦରକାର ବା କେଉଁ ଲୋକଙ୍କର ବେଶୀ ଦରକାର । ସବୁ ଗାଁରେ ସବୁ କାମ ତ ଗୋଟିଏ ଦିନ ଭିତରେ ହୋଇ ପାରିବ ନାହିଁ ! କୋଉ କାମଟା ଆଜି କରିବା, କୋଉଟା କାଲିକୁ କରିହେବ, ଏକଥା ଠିକ୍ କରିବା ବିଜ୍ଞ ଲୋକର କାମ । ଆମେ ଶିକ୍ଷିତ

ହେଲେ, ସବୁ ସମସ୍ୟାର ଖରାପ ଓ ଭଲ ଦିଗ ଠିକ୍ କରି ପାରିବା । ଦେଶର ହିତ ପାଇଁ, ସମସ୍ତଙ୍କ ସୁବିଧା ପାଇଁ ଠିକ୍ ନିଷ୍ପତ୍ତି ନେବା ।

ଗଣତନ୍ତ୍ରରେ ଭାଗ ନେବା ପାଇଁ କେତେଗୁଡ଼ିଏ ଗୁଣ ଦରକାର । ଗୋଟିଏ ହେଉଛି ଠିକ୍ ବିବେକ ବୁଦ୍ଧି । ଆଉ ଗୋଟିଏ ହେଉଛି ଦେଶ ପାଇଁ ଦଶ ପାଇଁ ଭାବିବାକୁ କିଛି ସମୟ ଦେବା । ତୃତୀୟ ହେଉଛି ଅବାଧରେ ଓ ନିର୍ଭୟରେ ନିଜ ମତ ପ୍ରକାଶ କରିବା । ଅବଶ୍ୟ ବୁଝି ବିଚାରି ନିର୍ଭୟରେ ଯେପରି ଲୋକେ ଭୋଟ ଦେଇ ପାରିବେ ସେଭଳି ବ୍ୟବସ୍ଥା କରାହେବା ଦରକାର ।

ବିବେକ ତ ନିଜର ଜ୍ଞାନ ଉପରେ ନିର୍ଭର କରେ । ତେଣୁ ଦେଶରେ କେଉଁଠି କ'ଣ ଘଟୁଛି, କେଉଁ କେଉଁ କାରଣରୁ ସରକାର କି କି ପ୍ରକାର ନିଷ୍ପତ୍ତି ନେବାକୁ ଯାଉଁଛନ୍ତି ସେଗୁଡ଼ିକ ଜାଣିବାର ସୁବିଧା ଲୋକଙ୍କୁ ମିଳିବା ଦରକାର । ସରକାରଙ୍କ ନିୟନ୍ତ୍ରଣରେ ଥିବା ଦୂରଦର୍ଶନ ଓ ଆକାଶବାଣୀ (ବେତାର) ବେଶି ପରିମାଣରେ ସରକାରୀ ପକ୍ଷ ସମର୍ଥନ କରନ୍ତି । ଅନ୍ୟ ପକ୍ଷର ଖବର ଜାଣିବା ଲାଗି ଲୋକେ ବେସରକାରୀ ସୂତ୍ରରୁ ପ୍ରକାଶିତ ସୂଚନା, ସମ୍ବାଦ ଆଦି ମଧ୍ୟ ପଢ଼ିବା ଦରକାର ।

ପାଠ ପଢ଼ିଥିବା ଲୋକର ପସନ୍ଦ ବଢ଼େ ଓ ଜାଣିବାର ଜ୍ଞାନ ମଜବୁତ ହୁଏ । ସେ ପ୍ରତି କଥାର ଲାଭ ନୋକସାନ ଭଲ ଭାବରେ ତଉଲି ପାରେ । ତେଣୁ ଗାଁ ଗହଳରେ ଓ ସହର ତଳି ଅଞ୍ଚଳରେ ଶିକ୍ଷାର ପ୍ରସାର ଯେପରି ଦରକାର, ଲୋକେ

ଶିକ୍ଷିତ ହେବା ଲାଗି ସେହିଭଳି ଆଗ୍ରହ ଦେଖାଇବା ଦରକାର ।


## ଆମ ସରକାର

ପାଞ୍ଚ ବର୍ଷରେ ଥରେ ଆମେ ଭୋଟ ଦେଉ । ତହିଁରେ ରାଜ୍ୟର ବିଧାନସଭା ଓ ରାଷ୍ଟ୍ରର ଲୋକସଭା ପାଇଁ ପ୍ରତିନିଧି



ବାଛୁଥାଉ । ଆମର ମନେ ରଖିବା କଥା ଯେ ସାରା ଭାରତ ପାଇଁ ଦିଲ୍ଲୀରେ ପାର୍ଲାମେଣ୍ଟ ଅଛି; ଓଡ଼ିଆରେ ଏହାକୁ ସଂସଦ କହନ୍ତି । ଲୋକସଭା ଓ ରାଜ୍ୟସଭା ନାମକ ଦୁଇଟି ସଭାଗୃହ ସହିତ ରାଷ୍ଟ୍ରପତି ମିଶିଗଲେ ପୂରା ବ୍ୟବସ୍ଥାଟିକୁ ପାର୍ଲାମେଣ୍ଟ କୁହାଯାଏ ।


ଆମ ଓଡ଼ିଶାରେ ରାଜ୍ୟ ସ୍ତରରେ ଗୋଟିଏ ଲୋକ ପ୍ରତିନିଧି ସଭା ଅଛି । ଏହାକୁ ଲେଜିସ୍ଲେଟିଭ୍ ଆସେମ୍ବ୍ଲି ବା




ବିଧାନସଭା କୁହାଯାଏ । କିନ୍ତୁ ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ତାମିଲନାଡୁରେ ବିଧାନସଭା ସାଙ୍ଗକୁ ବିଧାନ ପରିଷଦ ଅଛି । ଏ ଦୁଇଟି ସଭା ଗୃହ ସହିତ ରାଜ୍ୟପାଳ ମିଶିଗଲେ ପୂରା ବ୍ୟବସ୍ଥାକୁ ବ୍ୟବସ୍ଥାପକ ସଭା କୁହାଯାଏ । ଆମ ରାଜ୍ୟରେ କେବଳ ବିଧାନସଭା ଅଛି । ବିଧାନସଭା ସହ ରାଜ୍ୟପାଳଙ୍କୁ ମିଶାଇଲେ ଯାହା ହେବ

ତାହାହିଁ ହେଉଛି ଓଡ଼ିଶାର ବ୍ୟବସ୍ଥାପକ ସଭା; ଇଂରାଜୀରେ ଅସେମ୍ବ୍ଲି ।

ପାର୍ଲିମେଣ୍ଟର ଲୋକସଭାରେ ଯେଉଁ ଦଳର ପ୍ରତିନିଧିମାନେ ଅଧାରୁ ବେଶି ଆସନ ପାଇଥାନ୍ତି, ସେମାନେ




ସରକାର ଗଢ଼ନ୍ତି । ବେଳେବେଳେ କୌଣସି ଗୋଟିଏ ଦଳ ସଂଖ୍ୟା ଗରିଷ୍ଠ ନହେଲେ, ଦୁଇଟି ବା ଅଧିକ ଦଳ ଏକାଠି

ହୋଇ ସରକାର ଗଢ଼ନ୍ତି । ଏହାକୁ ମିଳିତ ସରକାର କୁହାଯାଏ । ଏକକ ସଂଖ୍ୟାଗରିଷ୍ଠ ନହୋଇ ମଧ୍ୟ ଅନ୍ୟ ଦଳର ସମର୍ଥନରେ ସରକାର ଗଢ଼ାଯାଇପାରେ ।

ମିଳିତ ସରକାରରେ ବିଭିନ୍ନ ମତର ବିଭିନ୍ନ ଦଳ ମିଶିଥିବାରୁ, ତାହା ଦୁର୍ବଳ ହୋଇଯାଏ । ସରକାର ଗଢ଼ୁଥିବା ଦଳର ନେତାଙ୍କୁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ କହନ୍ତି ।

ପ୍ରଧାନମନ୍ତ୍ରୀ ସରକାରୀ କାମକୁ ଭିନ୍ନ ଭିନ୍ନ ବିଭାଗରେ ଭାଗ କରନ୍ତି ଓ ଗୋଟିଏ ବା ବେଶି ବିଭାଗ ପାଇଁ ମନ୍ତ୍ରୀ ନିଯୁକ୍ତ କରନ୍ତି । ମନ୍ତ୍ରୀମାନେ ନିର୍ବାଚିତ ପ୍ରତିନିଧି ହୋଇଥିବା ଦରକାର; ନ ହୋଇଥିଲେ ମନ୍ତ୍ରୀ ହେବାର ଛ ମାସ ଭିତରେ ନିର୍ବାଚନ ଜିତିବା କଥା; ନ ଜିତିଲେ ମନ୍ତ୍ରୀପଦ ହରାଇବେ ।

ପ୍ରଧାନମନ୍ତ୍ରୀଙ୍କ ସହିତ ସବୁ ମନ୍ତ୍ରୀ ମିଶି ମନ୍ତ୍ରୀ ପରିଷଦ ଗଢ଼ନ୍ତି । ଏହି ମନ୍ତ୍ରୀ ପରିଷଦରେ ବଡ଼ ବଡ଼ ବିଭାଗ ଦାୟିତ୍ୱରେ ଥିବା ମୁରବି ମନ୍ତ୍ରୀମାନଙ୍କୁ ନେଇ "କ୍ୟାବିନେଟ୍" ଗଢ଼ାଯାଏ ।

ପ୍ରତି ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏହିଭଳି ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ୍ ଗଢ଼ନ୍ତି । ଆମ ଦେଶର ଶାସନରେ ପାର୍ଲାମେଣ୍ଟ ସବୁଠାରୁ ଉପରେ । ଶାସନ କାର୍ଯ୍ୟରେ କ୍ୟାବିନେଟ୍ ମୁଖ୍ୟ ଭୂମିକା ନେଇଥାଏ । ଏ ପ୍ରକାରର ସରକାରକୁ ପାର୍ଲାମେଣ୍ଟାରୀ ବା ସଂସଦୀୟ ସରକାର କୁହାଯାଏ । କ୍ୟାବିନେଟ୍ ସରକାର ମଧ୍ୟ କୁହାଯାଏ ।

ଲୋକସଭାରେ ମନ୍ତ୍ରୀମଣ୍ଡଳର କୌଣସି ପ୍ରସ୍ତାବ କାଟ ଖାଇଲେ କିମ୍ବା ମନ୍ତ୍ରୀମଣ୍ଡଳ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ସରକାର ଭାଙ୍ଗି ଯାଏ ।

ଜଣଙ୍କ ବିରୁଦ୍ଧରେ ଭୋଟ୍ ପାସ୍ ହେଲେ ମଧ୍ୟ ପୂରା କ୍ୟାବିନେଟ୍ ଇସ୍ତଫା ଦେବେ ଓ ନୂଆ ସରକାର ଗଢ଼ା ହେବ । ଏହାର ଅର୍ଥ; ମନ୍ତ୍ରୀମାନେ ଯେଉଁଭଳି ମିଳିତ ଭାବରେ ବିଧାନସଭା ବା ଲୋକସଭା ପାଖରେ ଦାୟୀ, ସେହିଭଳି ଏକାକୀ ମଧ୍ୟ ଦାୟୀ ।




କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ଏଭଳି ସଂସଦୀୟ ବା କ୍ୟାବିନେଟ୍ ଢାଞ୍ଚାର ସରକାର ନାହିଁ । ଅନ୍ୟ ଦେଶ ଭଳି ମଧ୍ୟ ଆମେରିକାର ସରକାରରେ ତିନୋଟି ଅଙ୍ଗ ରହିଛି :

(୧) ଆଇନ୍ ତିଆରି କରିବା ଲାଗି ଲୋକପ୍ରତିନିଧି ମୂଳକ, (୨) ସରକାରୀ କାମ ଚଳାଇବା ପାଇଁ ପ୍ରଶାସନ ବ୍ୟବସ୍ଥା (୩) ନ୍ୟାୟ ବିଚାର କରିବା ଲାଗି ବିଚାରାଳୟ । ଆଇନ୍ ତିଆରି କରିବା ସାଙ୍ଗକୁ ଲୋକ ପ୍ରତିନିଧି ସଭା ଆୟ ଓ ବ୍ୟୟର ମଞ୍ଜୁରୀ କରିଥାଏ ।

ବିଧାନ ସଭାରୁ ଆମ ଦେଶରେ ମନ୍ତ୍ରୀମଣ୍ଡଳ ଗଢ଼ାଯାଏ, କିନ୍ତୁ ଆମେରିକାରେ ତାହା ହୁଏ ନାହିଁ । ସେଠାରେ ପ୍ରଶାସନ ବ୍ୟବସ୍ଥାର ମୁଖ୍ୟ ହେଉଛନ୍ତି ରାଷ୍ଟ୍ରପତି । ସେ ସିଧାସଳଖ ନିର୍ବାଚିତ ହୁଅନ୍ତି ।

ଆମ ଦେଶର ରାଷ୍ଟ୍ରପତି ପାର୍ଲିମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ସେ ସିଧାସଳଖ ନିର୍ବାଚିତ ହୁଅନ୍ତି ନାହିଁ କି ନିଜେ କ୍ୟାବିନେଟ୍ ବାଛନ୍ତି ନାହିଁ ।

ଆମେରିକାର ରାଷ୍ଟ୍ରପତି ନିଜର ସଚିବ ବା ମନ୍ତ୍ରୀ ବାଛନ୍ତି । ଏହି ମନ୍ତ୍ରୀମଣ୍ଡଳ ତାଙ୍କ ଅଧୀନରେ ରହେ । ଆମ ପାର୍ଲିମେଣ୍ଟ ଭଳି ଆମେରିକାରେ କଂଗ୍ରେସ ଅଛି । ଏହି କଂଗ୍ରେସରେ ଦୁଇଟି ସଭା, (୧) ସିନେଟ୍ (୨) ପ୍ରତିନିଧି ସଭା ।

ଯଦି ରାଷ୍ଟ୍ରପତି ଏ ଦୁଇଟି ସଭାର କୌଣସି ଲୋକଙ୍କୁ ତାଙ୍କ କ୍ୟାବିନେଟ୍‌ରେ ନିଅନ୍ତି, ତେବେ ସେ କଂଗ୍ରେସରୁ ଇସ୍ତଫା ଦେବାକୁ ବାଧ୍ୟ । ଆମେରିକାରେ ସରକାରର ତିନୋଟି ଅଙ୍ଗ ଭିତରୁ ପ୍ରତ୍ୟେକ ଅନ୍ୟକୁ ଜଗିଥାନ୍ତି । ଏଠାରେ ସବୁଠାରୁ ବଡ଼କଥା ଯେ ରାଷ୍ଟ୍ରପତି ବିଧାନସଭାକୁ ଭାଙ୍ଗି ପାରିବେ ନାହିଁ ।

କିନ୍ତୁ ଆମର ସଂସଦୀୟ ବ୍ୟବସ୍ଥାରେ ଲୋକସଭାକୁ ତାର କାର୍ଯ୍ୟକାଳ ସରିବା ପୂର୍ବରୁ ଭାଙ୍ଗି ଦିଆଯାଇ ପାରେ । କ୍ୟାବିନେଟ୍‌ର ପରାମର୍ଶ କ୍ରମେ ରାଷ୍ଟ୍ରପତି ଲୋକ

ସଭାକୁ ଭାଙ୍ଗି ଦେବେ । ସେ ନୂଆ ନିର୍ବାଚନର ଆଦେଶ ମଧ୍ୟ ଦେବେ ।

ବେଳେବେଳେ ଆମ ଦେଶରେ ଆଲୋଚନା ହୁଏ ଯେ କାବିନେଟ୍ ସରକାର ବଦଳରେ ରାଷ୍ଟ୍ରପତି ସରକାର ପ୍ରଚଳିତ ହେବା ଉଚିତ୍ । ଏମାନଙ୍କ ମତ ଯେ ସଂଖ୍ୟା ଗରିଷ୍ଠ ଭୋଟ ପାଇ ଶାସକ ଦଳ ମନମୁଖୀ ଶାସନ କରିପାରେ, ଜନମତକୁ ଉପେକ୍ଷା କରିଥାଏ ।


ଥରେ ସଂଖ୍ୟା ଗରିଷ୍ଠ ଆସନ ପାଇଗଲେ ପ୍ରଧାନମନ୍ତ୍ରୀଙ୍କୁ ରୋକିବାର କୌଣସି ଉପାୟ ନାହିଁ । ସେ ନିଜେ ତ ସରକାର ଚଳାନ୍ତି, ଯାହା ଇଚ୍ଛା ତାହା ସଂସଦରେ ପାଶ୍ କରାଇ ନେଇପାରିବେ । କାବିନେଟ୍ କରିଆରେ ଯାଉଥିବା ତାଙ୍କ ଉପଦେଶ ରାଷ୍ଟ୍ରପତି ମାନିବାକୁ ବାଧ୍ୟ । ଶାସନର ମୁଖ୍ୟ ରାଷ୍ଟ୍ରପତି ହେଲେ ଏପରି ଘଟିବ ନାହିଁ । ତାଙ୍କ ମନମୁଖୀ କାମକୁ ଲୋକପ୍ରତିନିଧିସଭା ରୋକିଦେଇ ପାରିବ ।

ସମାଲୋଚକମାନେ ଆଉ ଗୋଟିଏ କାରଣ ମଧ୍ୟ ଦିଅନ୍ତି । ଆମେରିକା ଭଳି ରାଷ୍ଟ୍ରପତି ନିର୍ବାଚିତ ହୋଇଗଲେ, ସେ ଏକପ୍ରକାର ନିର୍ଦ୍ଦଳୀୟ ହୋଇଯିବେ । ଦଳର ସ୍ୱାର୍ଥ ଅପେକ୍ଷା ଦେଶର ସ୍ୱାର୍ଥ ପ୍ରତି ସେ ବେଶୀ ନଜର ଦେବେ ।

ଅଞ୍ଚଳ, ଭାଷା ବା ଧର୍ମ ଉପରେ ନିର୍ଭର କରି ଅଧିକାଂଶ ଲୋକପ୍ରତିନିଧି ନିର୍ବାଚନ ଜିତୁଛନ୍ତି । ଦେଶ ଭିତରେ ବିଚ୍ଛିନ୍ନତାବାଦୀ ଶକ୍ତିମାନଙ୍କୁ ଲୋକପ୍ରତିନିଧି ବେଳେବେଳେ ଉତ୍ସାହ ଦେଉଛନ୍ତି । ରାଷ୍ଟ୍ରପତିଙ୍କର ଶାସନରେ ସେପରି ପ୍ରଭାବ କାମ କରିବ ନାହିଁ ।

ଯାହା ହେତୁ ବର୍ତ୍ତମାନ ଆମ ଦେଶରେ କାବିନେଟ୍ ଢାଞ୍ଚାରେ ସରକାର ଚାଲିଛି । ସରକାରଙ୍କ ହାତରେ ବିଶେଷ କରି ପ୍ରଧାନମନ୍ତ୍ରୀଙ୍କ ହାତରେ ଅଧିକରୁ ଅଧିକ କ୍ଷମତା ଠୁଳ ହୋଇ ପଡ଼ୁଛି ।

ରାଜ୍ୟ ବିଧାନମଣ୍ଡଳ




ଆମ ଦେଶରେ ଦୁଇଟି ସ୍ତରରେ ସରକାର ଚାଲିଛି । ଗୋଟିଏ ରାଜ୍ୟ ସ୍ତରରେ ଓ ଅନ୍ୟଟି କେନ୍ଦ୍ର ସ୍ତରରେ । କିନ୍ତୁ ଏହା ଆମେରିକା ଭଳି ନୁହେଁ । ଆମେରିକାରେ ପ୍ରତ୍ୟେକ ରାଜ୍ୟ ସମ୍ବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଅଧିକାର ଓ କ୍ଷମତା ପାଇଛନ୍ତି । କିନ୍ତୁ ଆମ ଦେଶରେ କେନ୍ଦ୍ର ସରକାର ରାଜ୍ୟମାନଙ୍କ ତରଫରୁ ମଧ୍ୟ ଅଧିକ କଳ୍ପାଧିକାର କ୍ଷମତା ପାଇଛନ୍ତି ।

ଦରକାର ପଡ଼ିଲେ କେନ୍ଦ୍ର ସରକାର ରାଜ୍ୟ ସରକାରକୁ ବରଖାସ୍ତ କରି ପାରିବ । ରାଷ୍ଟ୍ରପତି ଶାସନ ଜାରି କରିପାରିବ । ରାଜ୍ୟରେ ଥିବା ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭଳି କାମ କରନ୍ତି । ତାଙ୍କ ରିପୋର୍ଟ ଉପରେ ପ୍ରଧାନମନ୍ତ୍ରୀଙ୍କ ଉପଦେଶ କ୍ରମେ ରାଷ୍ଟ୍ରପତି ରାଜ୍ୟର ବିଧାନ ସଭା ଭାଙ୍ଗିଦେଇ ପାରନ୍ତି । ରାଜ୍ୟପାଳଙ୍କୁ ନିଜ ତରଫରୁ ରାଜ୍ୟ ଚଳାଇବାକୁ ସେ ନିର୍ଦ୍ଦେଶ ଦେଇ ପାରନ୍ତି ।

## ଭୋଟ ପାଇଁ ଅଧିକାର ଓ କର୍ତ୍ତବ୍ୟ

ଗଣତନ୍ତ୍ରରେ ସମସ୍ତଙ୍କର ସମାନ ଅଧିକାର ଅଛି । ଏକଥା କହିବା ବଡ଼ ସହଜ; କିନ୍ତୁ କାମରେ କିପରି ହାସଲ କରାଯାଏ ଜାଣିବା ଦରକାର ।

ଆଗକାଳରେ ସରକାର ଖୁବ୍ କମ କାମ କରୁଥିଲେ । ବାହାର ଶତ୍ରୁଠାରୁ ରକ୍ଷା କରିବା ଏବଂ ଦେଶ ଭିତରେ ଲୋକମାନଙ୍କ ଝଗଡ଼ା ବନ୍ଦ କରାଇବା ସରକାରଙ୍କ କାମ ଥିଲା । ସେତେବେଳେ ବି ଛୋଟ ଛୋଟ ରାଷ୍ଟ୍ର ଥିଲା । କାଳକ୍ରମେ ଲୋକ ସଂଖ୍ୟା ବଢ଼ିଲା । ଲୋକେ ଦୂରଆଡ଼େ ଯାଇ ନୂଆ ନୂଆ ଜାଗା ମାଡ଼ି ବସିଲେ । ସେମାନେ ଗଢ଼ିଥିବା ସରକାରର ଇଲାକା ଧିରେ ଧିରେ ବଢ଼ିଚାଲିଲା ।

ଦୂର ଦୂରାନ୍ତରୁ ଆସି ଏତେ ସଂଖ୍ୟାରେ ଲୋକ କୌଣସି ଗୋଟିଏ ଜାଗାରେ ବସିବା ଅସମ୍ଭବ ହେଲା । ତହିଁରେ ପୁଣି ଶାସନ ପାଇଁ କୌଣସି ନିଷ୍ପତ୍ତି ନେବା ଅସମ୍ଭବ ହୋଇପଡ଼ିଲା । ତେଣୁ ବିଭିନ୍ନ ଅଞ୍ଚଳର ଲୋକେ

ସରକାର ଚଳାଇବା ପାଇଁ ପ୍ରତିନିଧି ପଠାଇଲେ । ଏହିପରି ଭାବରେ ପ୍ରତିନିଧି ମୂଳକ ଶାସନ ଆରମ୍ଭ ହେଲା ।

ପ୍ରତିନିଧି ନିର୍ବାଚନ କରିବାକୁ ଆମେ ଭୋଟ ଦେଉ । ଏହି ଭୋଟ ଦେବା ଅଧିକାର ଜରିଆରେ ଆମେ ସରକାର ଗଢ଼ୁ ବା ବଦଳାଉ ।

କେବଳ ଭୋଟ ଦେବା ଅଧିକାର ଯଥେଷ୍ଟ ନୁହେଁ । ଏହି ଅଧିକାର କିପରି ଜାହିର କରାଯିବ ତା' ବେଶି ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ରର ରକ୍ଷା କରିବାକୁ ହେଲେ ସବୁ ଲୋକ ଭୋଟ ଦେବା ଉଚିତ୍ । ରାଜନୈତିକ ଦଳମାନେ ଲୋକଙ୍କୁ ମତାଇ ସେମାନଙ୍କ କାଖରେ ନେବାକୁ ଚେଷ୍ଟା କରନ୍ତି । ଯେଉଁ ଦଳର କାର୍ଯ୍ୟକ୍ରମ ଲୋକଙ୍କୁ ଭଲ ଲାଗେ, ଲୋକେ ସେ ଦଳର ପ୍ରାର୍ଥୀକୁ ଭୋଟ ଦିଅନ୍ତି । ଯଦି ଲୋକେ ସେ ଦଳର ସରକାରୀ ନୀତିକୁ ନାପସନ୍ଦ କରନ୍ତି, ତେବେ ସେମାନେ ବିରୋଧୀ ଦଳକୁ ଭୋଟ ଦେବେ । ଯେଉଁ ସରକାର ନିର୍ବାଚନରେ ସଂଖ୍ୟା ଗରିଷ୍ଠ ଆସନ ପାଏ ନାହିଁ ସେ ଇସ୍ତଫା ଦେବାକୁ ବାଧ୍ୟ ।

୧୯୭୭ ମାର୍ଚ୍ଚରେ ଲୋକସଭା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠ ଆସନ ପାଇଲା ନାହିଁ । ତେଣୁ ଶ୍ରୀମତୀ ଗାନ୍ଧୀ ଇସ୍ତଫା ଦେଲେ । ଶ୍ରୀ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଜନତା ଦଳ ସରକାର ଗଢ଼ିଲେ । ସେମାନଙ୍କ ଭିତରେ କନ୍ଦଳ ଯୋଗୁ ଜନତା ସରକାର ଭାଙ୍ଗିଗଲା । ୧୯୮୦ ଜାନୁଆରୀ ନିର୍ବାଚନରେ ଶ୍ରୀମତୀ ଗାନ୍ଧୀଙ୍କ କଂଗ୍ରେସ ସଂଖ୍ୟାଗରିଷ୍ଠ ଆସନ

ପାଇ ପୁଣି ସରକାର ଗଢ଼ିଲା । ପୁଣି ୧୯୮୯ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ନ ପାଇବାରୁ ଅଣକଂଗ୍ରେସ ମିଳିତ ସରକାର ଗଢ଼ାହେଲା । ଏହିଭଳି ଭାବରେ ନିର୍ବାଚନ ଜରିଆରେ ଲୋକେ ସରକାରଙ୍କୁ ଅକ୍ତିଆର କରୁଛନ୍ତି ।

ପୁରୁଷ ହେଉ ବା ସ୍ତ୍ରୀ ହେଉ ୧୮ ବର୍ଷ ହେଲେ ତାକୁ ଭୋଟ ଦେବାର ଅଧିକାର ମିଳିଛି । ରୁଷିଆ, ବ୍ରିଟେନ ଓ ଆମେରିକା ଭଳି ଦେଶରେ ମଧ୍ୟ ୧୮ ବର୍ଷ ପୂରି ଯାଇଥିବା ଲୋକେ ଭୋଟ ଦିଅନ୍ତି । ବିନା ବାଛ ବିଚାରରେ ପ୍ରତ୍ୟେକ ସାବାଳକ ଭୋଟ ଦେଇ ପାରିବେ ବୋଲି ଏହାକୁ ସାର୍ବଜନୀନ ସାବାଳକ ଭୋଟ ପ୍ରଥା କୁହାଯାଏ ।

ଏହାର ଅନେକଗୁଡ଼ିଏ ସୁବିଧା ଅଛି । (୧) ପ୍ରତ୍ୟେକ ବୟସ୍କ ନାଗରିକଙ୍କୁ ସମାନ ପ୍ରକାରର ଅଧିକାର ଦେବାର ଏହା ଏକମାତ୍ର ଉପାୟ । (୨) ବିଧାନ ସଭାରେ ଦେଶର ସବୁ ଲୋକଙ୍କ ସ୍ୱର ଶୁଣିବାର ଏହା ଏକ ଉତ୍ତମ ଉପାୟ । (୩) କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଜାତିକୁ ଗୁରୁତ୍ୱ ଦେଲେ ଯେଉଁ ସମସ୍ୟା ଉପୁଜେ ତାହା ରହେ ନାହିଁ । (୪) ଏହା ଦ୍ୱାରା ଜାତି, ଭାଷା, ଧର୍ମ ଓ ଅଞ୍ଚଳ ନିର୍ବିଶେଷରେ ରାଜନୈତିକ ଦଳ ଗଢ଼ିବାର ସୁବିଧା ହୁଏ । ତଥାପି ଆମ ଦେଶର ଭୋଟପ୍ରଥା ପୂରାପୂରି ସାର୍ବଜନୀନ ନୁହେଁ; କାରଣ ଆଦିବାସୀ ଓ ହରିଜନମାନଙ୍କ ପାଇଁ କେତେଗୁଡ଼ିଏ ଆସନ ସଂରକ୍ଷିତ କରାଯାଇଛି । ସେ ନିର୍ବାଚନ ମଣ୍ଡଳୀରେ ଭୋଟର ଅଣ-ଆଦିବାସୀ ବା ଅଣ-ହରିଜନ ପ୍ରାର୍ଥୀ ପାଇବ ନାହିଁ;

ତେଣୁ ତାର ମତ ଜାହିର କରିବାର ଅବାଧ ଅଧିକାର ମିଳେ ନାହିଁ ।

ସରକାର ଚଳାଇବା ପାଇଁ ୮୦ କୋଟି ଲୋକ ଗୋଟିଏ ସଭାରେ ବସି ପାରିବେ ନାହିଁ । ତେଣୁ ପ୍ରତିନିଧି-ମାନଙ୍କ ସଭା ସରକାର ଚଳାଉଛନ୍ତି । ସରକାର ଜନମଙ୍ଗଳ ଲାଗି ବେଶି ବେଶି କାମ କରିବାକୁ ବାଧ୍ୟ ହେଉଛନ୍ତି ।

ଭୋଟ ଅଧିକାର ଗୋଟିଏ ମୌଳିକ ରାଜନୈତିକ ଅଧିକାର । ଏହି ଅଧିକାର ପାଇବା ପାଇଁ କର୍ତ୍ତବ୍ୟ ବି ମାନିବାକୁ ପଡ଼ିବ । କର୍ତ୍ତବ୍ୟ ହେଉଛି ରାଷ୍ଟ୍ରର ନାଗରିକ ହେବା ଓ ରାଷ୍ଟ୍ର ପ୍ରତି ଆନୁଗତ୍ୟ ଦେଖାଇବା ।

ଆମ ଦେଶରେ ଆମେରିକାନ୍ ବା ଇଂରେଜ ଭଳି ବିଦେଶୀ ଲୋକ ରହନ୍ତି । କିନ୍ତୁ ସେମାନେ ନାଗରିକ ହୋଇ ପାରିବେ ନାହିଁ । କାରଣ ତାଙ୍କ ଆନୁଗତ୍ୟ ଆମେରିକା ବା ଇଂଲଣ୍ଡ ପ୍ରତି ରହିଛି । ତେଣୁ ବିଦେଶୀ-ମାନଙ୍କର ଭୋଟ ଦେବା ଅଧିକାର ନାହିଁ ।

ଭୋଟ ଦେବା ଅଧିକାର ପାଇଁ ଆମେ ଦେଶର ନାଗରିକ ହେବା ଓ ଦେଶଭକ୍ତି ଦେଖାଇବା ।

ଆମ ଭୋଟ ଅଧିକାରରେ ଆଉ ଗୋଟିଏ କଟକଣା ଅଛି । ଆମେ ଯେଉଁଠି ସେଠି ଭୋଟ ଦେଇ ପାରିବା ନାହିଁ । ଆମ ନାଁ ଯେଉଁଠି ଭୋଟର ତାଲିକାରେ ଥିବ ଆମେ ସେହି ନିର୍ବାଚନ ମଣ୍ଡଳୀରେ ଭୋଟ ଦେଇ ପାରିବା ।

ଯେଉଁଠି ଆମେ ରହୁନାହୁଁ ସେଠାକାର ଅଭାବ ଅସୁବିଧା ଆମକୁ ଅଜଣା । ତାଛଡ଼ା ଲୋକପ୍ରତିନିଧିଙ୍କ ଚରିତ୍ର ବିଷୟରେ ଆମେ କିଛି ଜାଣି ନଥାଉ; ତେଣୁ ବୁଝି ବିଚାରି ଭୋଟ ଦେବା ପାଇଁ ଏହିପରି ସର୍ତ୍ତ ରଖା-ଯାଇଛି ।

ଆମ ଦେଶରେ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଅନୁଯାୟୀ ୧୯୮୪ ନିର୍ବାଚନରେ ପ୍ରାୟ ୫୦ କୋଟି ଲୋକ ଭୋଟ ଦେଇଥିଲେ । ଏହା ମୋଟ ଲୋକସଂଖ୍ୟାର ଅଧାରୁ ବେଶି । ଏହା ଯେ କୌଣସି ଦେଶର ଭୋଟର ସଂଖ୍ୟାରୁ ବେଶି ହୋଇଥିବାରୁ ଭାରତକୁ ପୃଥିବୀର 'ବୃହତ୍ତମ ଗଣତନ୍ତ୍ର' କୁହାଯାଏ ।

## ନିରପେକ୍ଷ ନିର୍ବାଚନ

ଆମ ଦେଶର ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ଗୋଟିଏ ନିର୍ବାଚନ କମିଶନ ଗଢ଼ାଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଏହି ସଂସ୍ଥାର ମୁରବୀ । ସେ ସରକାରଙ୍କ ଅଧୀନ ନୁହନ୍ତି । ଥରେ ମନ୍ତ୍ରୀମଣ୍ଡଳ କେବେ ନିର୍ବାଚନ ହେବ ନିଷ୍ପତ୍ତି ନେଲେ, ନିର୍ବାଚନ ସଂକ୍ରାନ୍ତରେ ସବୁକାମ ନିର୍ବାଚନ କମିଶନ କରନ୍ତି । ଏଥିରେ ସରକାର ବା ଶାସକ ଦଳ ହସ୍ତକ୍ଷେପ କରିପାରିବେ ନାହିଁ ।

ନିର୍ବାଚନ ସମୟରେ ଓ ତା' ପୂର୍ବରୁ ଲୋକମାନଙ୍କ ବ୍ୟବହାର କିପରି ହେବା ଉଚିତ୍, ଏଥିପାଇଁ ଆଇନ୍ କରାଯାଇଛି । ବାହାରରୁ କେହି ଯେପରି ଚାପ ପକାଇ ବା ଲାଞ୍ଚ

ଦେଇ ବା ଜୋର ଜବରଦସ୍ତ କରି ନିର୍ବାଚନ ପ୍ରଣାଳୀକୁ ଦୂଷିତ ନ କରେ ସେଥିପାଇଁ ଆଇନ ତିଆରି କରାଯାଇଛି । ପ୍ରାର୍ଥୀ ବା ରାଜନୈତିକ ଦଳ ଯେପରି କାରସାଦି ନ କରନ୍ତି ସେଥିପାଇଁ ବାରଣ କରାଯାଇଛି । ସରକାରୀ କଳର ଅପବ୍ୟବହାର ନ କରିବା ପାଇଁ କଡ଼ା ଆଇନ ତିଆରି କରାଯାଇଛି । ଏପରିକି ପ୍ରାର୍ଥୀ ନିର୍ବାଚନରେ କେତେ ଖର୍ଚ୍ଚ କରିପାରିବ, ତାହାର ସୀମା ରଖାଯାଇଛି ।

କିନ୍ତୁ ଆମେ ସମସ୍ତେ ଜାଣୁ ଯେ ଆଇନ ଗୋଟିଏ ଅଡ଼େ ତ, ଲୋକେ ଅଉ ଗୋଟିଏ ଅଡ଼େ । ଆଇନରେ କିଛି ନା କିଛି ଗଳତି ରହିଯାଏ । ଅନେକ ଲୋକ ଗଳତିର ସୁବିଧା ନେଇ ନିର୍ବାଚନ ଫଳକୁ ପ୍ରଭାବିତ କରନ୍ତି । ଆଇନର ଶାସନ ପାଇଁ ଜନସମର୍ଥନ ଦରକାର । କିଏ କେଉଁଠି କ'ଣ କରୁଛି, ଲୋକେ ସଚେତନ ହେବା ଦରକାର । ତାହାହେଲେ ରାଜନୈତିକ ଦଳ ବା ପ୍ରାର୍ଥୀମାନେ ଲାଞ୍ଚ, ମିଛ କାରବାର ଓ କାରସାଦି କରି ପାରିବେ ନାହିଁ ।

ନିର୍ବାଚନ ମାଧ୍ୟମରେ ଲୋକେ ସରକାରକୁ ନିୟନ୍ତ୍ରଣ କରିବାର ସୁବିଧା ଓ ସୁଯୋଗ ପାଆନ୍ତି । ଏହି ସୁଯୋଗ ଖୁବ୍ ଶୀଘ୍ର ଶୀଘ୍ର ମିଳିବା ଉଚିତ । ସାଧାରଣତଃ ୫ ବର୍ଷରେ ଥରେ ନିର୍ବାଚନ ହେବା ଯଥେଷ୍ଟ ବୋଲି ଲୋକେ କହନ୍ତି । ସଂସଦୀୟ ସରକାରରେ ମନ୍ତ୍ରୀମଣ୍ଡଳ ଲୋକସଭାକୁ ପାଞ୍ଚ ବର୍ଷ ନପୁରୁଣୁ ଭାଙ୍ଗି ଦେଇ ପାରେ । ରାଜ୍ୟରେ ସେହିଭଳି ବିଧାନସଭା ଭାଙ୍ଗି ଦିଆ ଯାଇପାରେ । ପାଞ୍ଚ ବର୍ଷରୁ କମ୍

ହେବା ପ୍ରଧାନମନ୍ତ୍ରୀ ଓ ତାଙ୍କ କାବିନେଟ୍‌ର ମର୍ଜି ଉପରେ ନିର୍ଭର କରେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଚାରି ବର୍ଷରେ ଥରେ ରାଷ୍ଟ୍ରପତି ନିର୍ବାଚନ ହୁଏ । ଦୁଇ ବର୍ଷରେ ଥରେ ପ୍ରତିନିଧି ସଭାର ନିର୍ବାଚନ ହୁଏ । ପ୍ରତିନିଧିମାନଙ୍କ କାର୍ଯ୍ୟ କାଳର ଏଭଳି ସୀମା ରଖିବାର ଉଦ୍ଦେଶ୍ୟ ଲୋକଙ୍କୁ ସେମାନଙ୍କ ମତ ବଦଳେଇବା ପାଇଁ ସୁବିଧା ଦେବା ।

ବେଳେ ବେଳେ ଜରୁରୀ ପରିସ୍ଥିତି ଯୋଗୁଁ ବିଧାନସଭାର କାର୍ଯ୍ୟକାଳ ବଢ଼େଇ ଦିଆ ଯାଇଥାଏ । ଯେଉଁ ସରକାର ନିର୍ବାଚନରେ ଲୋକଙ୍କ ମୁହାମୁହିଁ ହେବାକୁ ଡରେ, ସେ କୌଣସି ନା କୌଣସି କାରଣ ଦେଖାଇ ପ୍ରତିନିଧି ସଭାର କାର୍ଯ୍ୟକାଳ ବଢ଼ାଇ ଦିଏ । ଯେଉଁ ସରକାର ଏପରି କରେ ତାହା ଲୋକଙ୍କ ମତ ପ୍ରକାଶ କରିବାର ସୁବିଧାକୁ ଛଡ଼ାଇ ନିଏ ।

## ଜନମତ

ଗଣତନ୍ତ୍ରର ଦୁଇଟି ଖମ୍ବ । ଗୋଟିଏ ହେଉଛି ପ୍ରତିନିଧି-ମୂଳକ ଅନୁଷ୍ଠାନ । ଅନ୍ୟଟି ହେଲା ସାର୍ବଜନୀନ ସାବାଳକ ଭୋଟ ବ୍ୟବସ୍ଥା । କିନ୍ତୁ ଏ ଦୁଇଟି ଯଥେଷ୍ଟ ନୁହେ । ଥରେ ନିର୍ବାଚନରେ ଜିତିଗଲା ପରେ ପ୍ରତିନିଧିମାନେ ଭୋଟର-ମାନଙ୍କୁ ଭୁଲି ଯାଆନ୍ତି । ପ୍ରତିନିଧିମାନେ ମନଇଚ୍ଛା ସରକାର ଚଳାନ୍ତି । ସରକାର ଯେପରି ଲୋକଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ଭୁଲି ନ ଯା'ନ୍ତି ଏବଂ ଲୋକଙ୍କ ଇଚ୍ଛା ପ୍ରତି ସମ୍ମାନ ଦେଖାନ୍ତି ତା'ର ବ୍ୟବସ୍ଥା ହୁଏ ଜନମତ ଦ୍ୱାରା ।

ଜନମତ କ'ଣ, ତାହା ବୁଝାଇବା କଷ୍ଟକର । ଯେଉଁ ମତରେ ଲୋକେ ରାଜି ହୁଅନ୍ତି ତାକୁ ଜନମତ କୁହାଯାଏ । ଏହା ସମସ୍ତଙ୍କ ମତ ହୋଇ ନ ପାରେ, ଏପରିକି ସଂଖ୍ୟା ଗରିଷ୍ଠ ମତ ହୋଇ ନପାରେ । ସ୍ଥାନ, କାଳ, ପାତ୍ର ଭେଦରେ ଜନମତ ଭିନ୍ନ ହୋଇଥାଏ । ସାମାଜିକ ହେଉ, ଅର୍ଥନୈତିକ ହେଉ ବା ରାଜନୈତିକ ହେଉ, ଯେଉଁ ପ୍ରଶ୍ନ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ଜନମତ ତିଆରି ହୁଏ ।

କାହାର ମତ ଚୁପ୍‌ଚାପ ରହିଲେ ତାହାର କୌଣସି ମୂଲ୍ୟ ନାହିଁ । ତେଣୁ ମତ ପ୍ରକାଶ ହେବା ଉଚିତ । ସମାଜରେ ଯେଉଁମାନେ ଉପରକୁ ଉଠିଛନ୍ତି ସେମାନଙ୍କ ମତର ଓଜନ ଅଛି । କାରଣ ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତା ଅନ୍ୟମାନଙ୍କଠାରୁ ବେଶି । ନିଜର ମତ ପ୍ରକାଶ କରିଦେଲେ ଯଥେଷ୍ଟ ହୁଏ ନାହିଁ । ଏଥିପାଇଁ ପ୍ରଚାର ଦରକାର ଓ ପ୍ରଚାର ଚାଲୁ ରହିବାର କାର୍ଯ୍ୟକ୍ରମ ଦରକାର ।

ସାଧାରଣ ଲୋକେ ପ୍ରତ୍ୟେକ ସମସ୍ୟାର ସବୁଦିଗ ଜାଣି ନଥାନ୍ତି । କୌଣସି ଜିନିଷକୁ ଟିକିନିଖି କରି ବିଚାର କରିବାର କ୍ଷମତା ଅନେକ ଲୋକଙ୍କର ନଥାଏ । ତେଣୁ ସେମାନେ ରାଜନୈତିକ ନେତାମାନଙ୍କ ଉପରେ ନିର୍ଭର କରନ୍ତି । ଅନେକ ସମୟରେ ଖୁବ୍ ଜୋରରେ ପାଟି କରୁଥିବା ଛୋଟ ଗୋଷ୍ଠୀଟିଏ ତା'ର ମତକୁ ଜନମତ ବୋଲି ଗ୍ରହଣ କରାଇନିଏ । କୁହାଳିଆ ଲୋକଙ୍କ ଗଣତନ୍ତ୍ର ଭଲ ନୁହେଁ । କଲେବଲେ କୁହାଳିଆ ଲୋକର ମୁହଁ ବନ୍ଦ କରିବାକୁ

ସରକାର ଚେଷ୍ଟା କରନ୍ତି । ତେଣୁ ଅନ୍ୟଲୋକମାନେ ମଧ୍ୟ ମୁହଁ ଖୋଲିବା ଉଚିତ ।

ସବୁ ସରକାର ସବୁ କାଳରେ ଜନମତ ପ୍ରତି ଧ୍ୟାନ ଦିଅନ୍ତି । ଏକଚ୍ଛତ୍ରବାଦୀ ସରକାରମାନେ ଜନମତକୁ ବଦଳାଇବାର ଚେଷ୍ଟା କରନ୍ତି ବା ନିୟନ୍ତ୍ରଣ କରନ୍ତି । ଗଣତନ୍ତ୍ରରେ ମଧ୍ୟ ଶାସକଦଳ ବିଭିନ୍ନ ପ୍ରକାର ଓ ବିଭିନ୍ନ ଉପାୟରେ ଲୋକମତକୁ ନିଜଆଡ଼େ ଘୂରାଇଥାନ୍ତି । ଜନମତ ଶାସକଦଳ ବିରୁଦ୍ଧରେ ଗଲେ ସରକାର ଚଲାଇବା କଷ୍ଟ ହୋଇପଡ଼େ । ଯେଉଁ ନେତାମାନେ ଏପରି ଜନମତ ତିଆରି କରନ୍ତି ସରକାର ସେଭଳି ନେତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥାନ୍ତି ।

ଆମ ରାଜ୍ୟର ବାଲିଆପାଳରେ ଜାତୀୟ କ୍ଷେପଣାସ୍ତ୍ର ଘାଣ୍ଟି ନ ହେଉ ବୋଲି ଜନମତ ସୃଷ୍ଟି ହୋଇଛି । ତାକୁ ଆସ୍ତେ ଆସ୍ତେ ବଦଳାଇବା ପାଇଁ ସରକାର ବିରୋଧୀ ଦଳର ନେତା ଓ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସହିତ ବାରମ୍ବାର କଥାବାର୍ତ୍ତା କରୁଛନ୍ତି । କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା ଦ୍ୱାରା ଲୋକଙ୍କ କୌଣସି କ୍ଷତି ହେବ ନାହିଁ; ଏହାଦ୍ୱାରା ଦେଶର ହିତ ହେବ ବୋଲି ପ୍ରଚାର କରି ସରକାର ଜନମତ ବଦଳାଇବାର ଚେଷ୍ଟାକରୁଛନ୍ତି ।

ଜନମତ ତିଆରି କରିବା ପାଇଁ ସମାଜରେ ବହୁତ ପ୍ରକାର ଅନୁଷ୍ଠାନ ଓ ମାଧ୍ୟମ ରହିଛି । ଛୁଆଟି ବେଳୁ ମଣିଷ ସ୍କୁଲ କଲେଜ ମାଧ୍ୟମରେ କିମ୍ବା ବାପା ମା'ଙ୍କ ଜରିଆରେ ଶିକ୍ଷା ପାଉଛି । ପରିବାର ଓ ଅନୁଷ୍ଠାନ ତାହାର ମତାମତ

ତିଆରି କରୁଛନ୍ତି । ପରିବେଶ, ସଂସ୍କୃତି, ଧର୍ମ, ଅନ୍ୟର ବ୍ୟବହାର ଉପରେ ଚେତନା ତାହା ବାପା ମା' ଓ ଅନ୍ୟ ଗୁରୁଜନମାନେ ଶିଖାଇ ଥାଆନ୍ତି । ସ୍କୁଲ, କଲେଜରେ ପିଲାର ମାନସିକ ଓ ଶାରୀରିକ ଶକ୍ତି ଉପରେ ବୃଦ୍ଧି ପାଇବ ସେ ଢଙ୍ଗରେ ଶିକ୍ଷା ମିଳିଥାଏ । ଛାତ୍ର ସ୍ୱାଧୀନ ଚିନ୍ତା କରୁ ଓ ସ୍ୱାଧୀନ ବ୍ୟକ୍ତି ଭାବରେ ବଢ଼ୁ, ଏହାହିଁ ଗଣତନ୍ତ୍ରରେ ଶିକ୍ଷାର ଉଦ୍ଦେଶ୍ୟ ।

କମ୍ୟୁନିଷ୍ଟ ଦେଶମାନଙ୍କରେ ଅନ୍ୟ କୌଣସି ଦଳକୁ ତିଷ୍ଠିବାକୁ ଦିଆଯାଏ ନାହିଁ । ସେଠାରେ ଯୁବକ ଯୁବତୀମାନଙ୍କର ଚିନ୍ତାଧାରାକୁ ଶିକ୍ଷା ଜରିଆରେ କମ୍ୟୁନିଷ୍ଟ ଦଳ ଆଡ଼କୁ ଟାଣି ନିଆଯାଏ । ଏବେ ଋଷିଆ ଓ ୟୁରୋପର ଅନ୍ୟ କମ୍ୟୁନିଷ୍ଟ ଦେଶମାନଙ୍କରେ ବହୁ ଦଳୀୟ ଶାସନ ଚାଲୁ ହେଲାଣି । ଶିକ୍ଷାନୁଷ୍ଠାନ ଛଡ଼ା ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ଲୋକଙ୍କ ମତାମତକୁ ନିଜ ଉଦ୍ଦେଶ୍ୟରେ ବଦଳାଇ ଥାଆନ୍ତି । ଆମ ସାଙ୍ଗମାନେ ମଧ୍ୟ ଆମର ମତକୁ ପ୍ରଭାବିତ କରନ୍ତି ।

ଆମେ ଯେଭଳି ପାଣି ପବନରେ ବଢ଼ିଛୁ, ଯେଉଁ ସମ୍ପ୍ରଦାୟରେ ଜନ୍ମ ନେଇଛୁ ତାହା ଆମର ମତାମତ ଠିକ୍ କରେ । ଘର ଓ ସ୍କୁଲ, ଭଳି ସାମାଜିକ ଅନୁଷ୍ଠାନ ମଧ୍ୟ ଆମର ମତାମତ ତିଆରି କରେ । ମନ୍ଦିର ଗୀର୍ଜା ପରି ଧର୍ମ-ଅନୁଷ୍ଠାନ ଆମର ବିବେକକୁ ପ୍ରଭାବିତ କରନ୍ତି । ଦେଶର ରାଜନୈତିକ ଆକାଂକ୍ଷାକୁ ଲକ୍ଷ୍ୟ ରଖି ଆମେ ଆମର ବିବେକ ବା ମତ ପ୍ରକାଶ କରୁ ।

ବଡ଼ ବଡ଼ ବ୍ୟବସାୟୀମାନେ, ରାଜନୈତିକ ଦଳ-ମାନେ ଓ ସରକାର ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନକୁ ବ୍ୟବହାର କରନ୍ତି । ଏକାଥରକେ ବହୁତ ଲୋକ ଏହି ସୁବିଧା ପାଉଥିବାରୁ ଏଗୁଡ଼ିକୁ ଗଣ-ମାଧ୍ୟମ କୁହାଯାଏ । ବେଶୀ ଲୋକ ନିରକ୍ଷର ଥିବାରୁ ଖବର କାଗଜରେ ପ୍ରଚାର ସମସ୍ତଙ୍କୁ ଛୁଏଁ ନାହିଁ । ତଥାପି ଯିଏ ମୁହଁରୁ ତା ମୁହଁରୁ ଖବର ଶୁଣି ଲୋକେ ଜନମତ ତିଆରି କରନ୍ତି । ଦୂରଦର୍ଶନ ବା ବେତାରରେ ପ୍ରଚାର ବୁଝିବାପାଇଁ ସାକ୍ଷରତା ଆବଶ୍ୟକ ପଡ଼େ ନାହିଁ; ତେଣୁ ଏହା ବେଶୀ ଲୋକଙ୍କ ମନକୁ ଛୁଇଁ ପାରେ ।

ଆମ ଦେଶରେ ବେତାର ଓ ଦୂରଦର୍ଶନ ସରକାରୀ ନିୟନ୍ତ୍ରଣରେ ଅଛି । ତେଣୁ ଏ ଦୁଇଟି ମାଧ୍ୟମରେ ସରକାରୀ କାର୍ଯ୍ୟର ପ୍ରଶଂସା ବେଶି ପ୍ରଚାର କରାଯାଏ । ଅର୍ଥାତ୍ ସରକାର ନିଜ ସପକ୍ଷରେ ଜନମତ ତିଆରି କରନ୍ତି ।

ଦେଶର ନାଗରିକ ହିସାବରେ ଗଣତନ୍ତ୍ରର ସୁରକ୍ଷା କରିବା ଆମ କାମ । ତେଣୁ ବୁଝି ବିଚାରି ନିଜର ମତ ଠିକ୍ କରିବା ଉଚିତ । ଭଲମନ୍ଦ ବିଚାର କରି ଯେଉଁ ଜନମତ ତିଆରି ହୁଏ ତାହା ଗଣତନ୍ତ୍ର ଶାସନକୁ ଠିକ୍ ରାସ୍ତାରେ ଚଳାଇ ନିଏ । ଗଣତନ୍ତ୍ର ମଜବୁତ ହୁଏ ।

ପ୍ରୋପାଗଣ୍ଡା ବା ପ୍ରଚାର ମାଧ୍ୟମରେ ସରକାର ଜନମତକୁ ତିଆରି କରନ୍ତି । ପ୍ରୋପାଗଣ୍ଡା ହେଉଛି ଏକ-ତରଫା ପ୍ରଚାର । କିନ୍ତୁ ଶିକ୍ଷିତ ଲୋକେ ପ୍ରତ୍ୟେକ ସମସ୍ୟାର ସବୁ ଦିଗ ଦେଖିବାକୁ ଚାହାନ୍ତି ।

୧୯୭୧ର ଲୋକସଭା ନିର୍ବାଚନରେ "ଗରିବୀ ହଟାଓ" ସ୍ଲୋଗାନ ବ୍ୟବହାର କରି କଂଗ୍ରେସ ନିର୍ବାଚନ ଜିତିଥିଲା । କିନ୍ତୁ ୨୦ ଦଫା କାର୍ଯ୍ୟକ୍ରମ ପ୍ରଚାର କରିବା ସତ୍ତ୍ୱେ ୧୯୭୭ରେ କଂଗ୍ରେସ ହାରିଗଲା । କାରଣ ଜନମତ, ଏହାଦ୍ୱାରା ପ୍ରଭାବିତ ହେଲା ନାହିଁ । ଜୁନ୍ ୧୯୭୫ରୁ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ବିଭିନ୍ନ ସମ୍ବାଦପତ୍ରକୁ ଯାଞ୍ଚ କରାଯାଉଥିଲା । ବେତାର ଓ ଦୂରଦର୍ଶନରେ, ସରକାରୀ କାର୍ଯ୍ୟକଳାପକୁ ଖୁବ୍ ପ୍ରଶଂସା କରାଯାଉଥିଲା । ତଥାପି ୧୯୭୭ ନିର୍ବାଚନରେ କଂଗ୍ରେସ ହାରିଗଲା । ୧୯୮୯ରେ ମଧ୍ୟ ତଦ୍ରୂପ ଘଟିଲା ।

ଏହାର ଆଲୋଚନା କରି ବିଦେଶୀ ଲୋକେ କହନ୍ତି ଯେ ଭାରତୀୟ ଭୋଟରମାନେ ଆଉ କଞ୍ଚା ନାହାନ୍ତି, ପୋଖତ ହୋଇ ଗଲେଣି ।

ସରକାରୀ ପ୍ରଚାର ଭିତରୁ ସତ୍ୟ ବାହାର କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟକୁ ସୁଚାରୁରୂପେ ପରିଚାଳିତ କରିବା ପାଇଁ ଆମ ଦେଶର କୋଟି କୋଟି ଅଶିକ୍ଷିତଙ୍କୁ ଶିକ୍ଷିତ କରିବାକୁ ପଡ଼ିବ । ସେମାନେ ଯେତେ ସଚେତନ ହେବେ ଦେଶରେ ଗଣତନ୍ତ୍ର ସେତେ ସୁଦୃଢ଼ ହେବ ।

## ନାଗରିକ ଅଧିକାର

ନାଗରିକମାନଙ୍କର ଅଧିକାର କ'ଣ କ'ଣ ହେବ ଆଇନ୍‌ଦ୍ୱାରା ଠିକ୍ କରାଯାଇଛି । ଯେଉଁ ଅଧିକାରଗୁଡ଼ିକ

ସମ୍ବିଧାନ ଦ୍ୱାରା ଠିକ୍ କରାଯାଇଛି ତାକୁ ମୌଳିକ ଅଧିକାର କୁହାଯାଏ । ଏଗୁଡ଼ିକୁ ସାଧାରଣ ଆଇନ ଦ୍ୱାରା ଖର୍ବ କରି ହେବ ନାହିଁ । ଗୋଟିଏ ମୌଳିକ ଅଧିକାର ହେଉଛି ଯେ ଆମେ ସମସ୍ତେ ସମାନ, ସରକାର କାହାରି ଭିତରେ କୌଣସି କାରଣରୁ ବାଛ ବିଚାର କରି ପାରିବେ ନାହିଁ ।

ଏହା ଉପରେ ସମ୍ବିଧାନର କେତେଗୁଡ଼ିଏ କଟକଣା ରଖାଯାଇଛି । ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ପାଇଁ ଏବଂ ଶିଶୁ ଓ ମହିଳାମାନଙ୍କ ମଙ୍ଗଳ ପାଇଁ ସରକାର ବାଛ ବିଚାର କରିପାରିବେ ।


ଆମର ଦ୍ୱିତୀୟ ମୌଳିକ ଅଧିକାରରେ ୬ଟି ସ୍ୱାଧୀନତା ଦିଆଯାଇଛି ।

(୧) ମତ ପ୍ରକାଶର ସ୍ୱାଧୀନତା (୨) ବିନା ଅସ୍ତ୍ରଶସ୍ତ୍ରରେ ଏକାଠି ହେବାର ସ୍ୱାଧୀନତା (୩) ସଙ୍ଘ ବା ୟୁନିୟନ ତିଆରି କରିବାର ସ୍ୱାଧୀନତା (୪) ଭାରତ ସାରା ବୁଲାବୁଲି କରିବାର ସ୍ୱାଧୀନତା (୫) ଭାରତର ଯେକୌଣସି ଅଞ୍ଚଳରେ ବସବାସ କରିବାର ସ୍ୱାଧୀନତା ଏବଂ (୬) ଯେ କୌଣସି ବୃତ୍ତି ବା ପେଶା ଆଦରିବାର ସ୍ୱାଧୀନତା । ଏସବୁ ସ୍ୱାଧୀନତାର ଗୋଟିଏ କଟକଣା ହେଉଛି ଯେ ଦେଶ ବିରୁଦ୍ଧରେ ବା ଅପରାଧ ବଢ଼ାଇବା ଭଳି କୌଣସି କାମ କରିପାରିବା ନାହିଁ ।

ଆଉ ଗୋଟିଏ ପ୍ରକାରର ଅଧିକାର ଆମକୁ ଦିଆ-ଯାଇଛି, ତାହା ଶୋଷଣ ବିରୁଦ୍ଧରେ । କେହି ଜୋର

ଜବରଦସ୍ତ ଆମକୁ ତାହାର କାମରେ ଲଗାଇ ପାରିବ ନାହିଁ । ଶିଶୁ ଓ ମହିଳାମାନଙ୍କୁ ନିର୍ଯ୍ୟାତନା ଦେଇ ପାରିବ ନାହିଁ ।

ଆମ ସମ୍ବିଧାନରେ ୪ର୍ଥ ମୌଳିକ ଅଧିକାରଟି ଆମ ରାଷ୍ଟ୍ରକୁ ଧର୍ମ ନିରପେକ୍ଷ କରିଛି । ଯେକୌଣସି ଧର୍ମର




ଯେକୌଣସି ମତର ଲୋକେ ନିଜର ବିଶ୍ୱାସ ଅନୁଯାୟୀ ପୂଜାପାଠ କରି ପାରିବେ । ଅବଶ୍ୟ ସମାଜ ସଂସ୍କାର ନାମରେ

ହିନ୍ଦୁ ଧର୍ମର କେତେଗୁଡ଼ିଏ କୁସଂସ୍କାରକୁ ସରକାର ବେଆଇନ ଘୋଷଣା କରିଛନ୍ତି । ଏକାଧିକ ସ୍ତ୍ରୀ ବିବାହ କିମ୍ବା ସ୍ୱାମୀର ମୃତ୍ୟୁରେ ସ୍ତ୍ରୀ ସତୀ ହେବାଭଳି ଅଭ୍ୟାସକୁ ବେଆଇନ ଘୋଷଣା କରାଯାଇଛି । ଧର୍ମନିରପେକ୍ଷ ମାନେ ସରକାର କୌଣସି ଧର୍ମ ପ୍ରତି ପକ୍ଷପାତ କରିବେ ନାହିଁ ବା କୌଣସି ଗୋଟିଏ ଧର୍ମକୁ ରାଷ୍ଟ୍ରଧର୍ମ କରିପାରିବେ ନାହିଁ ।


ଆଉ ଗୋଟିଏ ମୌଳିକ ଅଧିକାର ହେଉଛି ଲୋକଙ୍କର ଶିକ୍ଷା ଓ ସଂସ୍କୃତି ବିଷୟରେ । ଭାଷା, ସଂସ୍କୃତି ଓ ଧର୍ମ ଅନୁଯାୟୀ ସଂଖ୍ୟାନ୍ୟୁନ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କ ସାତନ୍ତ୍ର୍ୟ ରକ୍ଷା କରିପାରିବେ ।

ନାଗରିକମାନଙ୍କୁ ଯେତେ ମୌଳିକ ଅଧିକାର ଦେଲେ ମଧ୍ୟ ଯଦି ସେହି ଅଧିକାର କାର୍ଯ୍ୟକ୍ଷେତ୍ରରେ ସାବ୍ୟସ୍ତ ହୋଇ ନପାରିଲା ତେବେ ଅଧିକାର ଥିବା ଯାହା, ନଥିବା ସେଇଆ । ତେଣୁ ଅଧିକାର ସାବ୍ୟସ୍ତ କରିବାକୁ ନାଗରିକମାନେ ବିଚାର ବିଭାଗର ସାହାଯ୍ୟ ନେଇ ପାରିବେ । ହାଇକୋର୍ଟ ଓ ସୁପ୍ରିମକୋର୍ଟକୁ ସିଧାସଳଖ ଯାଇ ପାରିବେ ବୋଲି ସମ୍ବିଧାନରେ ବ୍ୟବସ୍ଥା ଅଛି ।

ନାଗରିକର ଦରଖାସ୍ତ ଉପରେ ହାଇକୋର୍ଟ ବା ସୁପ୍ରିମକୋର୍ଟ ବିଭିନ୍ନ ପ୍ରକାରର ରିଟ୍ ଜାରି କରି ପାରନ୍ତି ।

ସରକାର କୋର୍ଟ ଆଦେଶ ମାନିବାକୁ ବାଧ୍ୟ । "ସାମ୍ବିଧାନିକ ପ୍ରତିକାର" ପାଇଁ ଏହି ମୌଳିକ ଅଧିକାରକୁ ଆମ ଗଣତନ୍ତ୍ରର ମୂଳଦୁଆ କୁହାଯାଏ ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ



ମୌଳିକ ଅଧିକାର ବ୍ୟତୀତ ଆଉ କେତେଗୁଡ଼ିଏ ଆଇନଗତ ଅଧିକାର ନାଗରିକମାନଙ୍କୁ ଦିଆଯାଇଛି । ଆଗରୁ ସମ୍ପତ୍ତି ଉପରେ ନାଗରିକମାନଙ୍କର ମୌଳିକ ଅଧିକାର ଥିଲା । ବର୍ତ୍ତମାନ ସମ୍ବିଧାନ ସଂଶୋଧନ ହୋଇ ଏହାକୁ କେବଳ ଆଇନଗତ ଅଧିକାର ରୂପେ ରଖାଯାଇଛି ।

ଲୋକଙ୍କ ଜମି ନେଇଗଲେ ସରକାର ସେମାନଙ୍କୁ କ୍ଷତି ପୂରଣ ଦେବେ । କିନ୍ତୁ କେତେ କ୍ଷତିପୂରଣ ଦେବେ ତାହା ସରକାର ସ୍ଥିର କରିବେ । ଉଚିତ୍ ମୂଲ୍ୟ ପାଇବାପାଇଁ ଜମି ହରାଇଥିବା ନାଗରିକ କୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି ।

ଆଉ ଗୋଟିଏ ଆଇନଗତ ଅଧିକାର ହେଉଛି ଯେ, କୌଣସି କାର୍ଯ୍ୟକଳାପକୁ ଅପରାଧ ବୋଲି ଘୋଷଣା କଲେ ସରକାର ତାକୁ ପଛୁଆ ଦିନରୁ ଲାଗୁ କରି ପାରିବେ ନାହିଁ । ଅର୍ଥାତ୍ ଯଦି ଆଜି ସରକାର ଗାଳି ଦେବାକୁ ଅପରାଧ ବୋଲି ଘୋଷଣା କରନ୍ତି, ତେବେ ଗତକାଲି ଗାଳି ଦେଇ ଥିବା ଲୋକକୁ ଅପରାଧୀ କରାଯିବ ନାହିଁ । ଆଉ ଗୋଟିଏ ଭଲ ଅଧିକାର ଅଛି । କୌଣସି ଗୋଟିଏ ପ୍ରକାରର ଅପରାଧ ପାଇଁ ଜଣକ ନାଁରେ ଥରକରୁ ବେଶୀ ମକଦ୍ଦମା କରାଯାଇ ପାରିବ ନାହିଁ କି ତାକୁ ଥରକରୁ ବେଶି ଦଣ୍ଡ ଦିଆଯାଇ ପାରିବ ନାହିଁ ।

## ନାଗରିକର କର୍ତ୍ତବ୍ୟ

୪୨ ତମ ସମ୍ବିଧାନ ସଂଶୋଧନ ଫଳରେ ଆମ ସମ୍ବିଧାନରେ ଗୋଟିଏ ନୂଆ ଅଧ୍ୟାୟ ଯୋଡ଼ା ଯାଇଛି । ଏହାର ନାମ ମୌଳିକ କର୍ତ୍ତବ୍ୟ ।

ଏଥିରେ ଦଶଗୋଟି କର୍ତ୍ତବ୍ୟ ରଖାଯାଇଛି । ପ୍ରତ୍ୟେକ ନାଗରିକ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ମନେ ରଖିବେ । ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ

ଦେବେ । ଦେଶର ସଂସ୍କୃତି ଓ ଐତିହ୍ୟକୁ ରକ୍ଷା କରିବେ । ବୈଜ୍ଞାନିକ ମନୋଭାବ ଓ ସଂସ୍କାର ପ୍ରତି ଧ୍ୟାନ ଦେବେ ଏବଂ ବ୍ୟକ୍ତିଗତ ତଥା ସାମୂହିକ କାର୍ଯ୍ୟମାନଙ୍କରେ ଶୀର୍ଷସ୍ଥାନ ପାଇବାକୁ ଚେଷ୍ଟା କରିବେ । ଏତକ ନୈତିକ କର୍ତ୍ତବ୍ୟ ।

କେତେଗୁଡ଼ିଏ ରାଜନୈତିକ କର୍ତ୍ତବ୍ୟ ମଧ୍ୟ ରଖାଯାଇଛି । ଯଥା– ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ସମ୍ବିଧାନକୁ ସମ୍ମାନ ଦେଖାଇବା; ଦେଶର ସଂହତି ଓ ସାର୍ବଭୌମତ୍ୱ ରକ୍ଷା କରିବା, ଦେଶ ରକ୍ଷା କରିବା ଓ ଜାତୀୟ ସେବାରେ ସହଯୋଗ କରିବା ।

ଏହାଛଡ଼ା ପରିବେଶର ସୁରକ୍ଷା କରିବା, ହିଂସାକାଣ୍ଡ ପରିହାର କରିବା ଓ ସର୍ବସାଧାରଣ ସମ୍ପତ୍ତିକୁ ରକ୍ଷା କରିବା ମଧ୍ୟ କର୍ତ୍ତବ୍ୟ ରୂପରେ ଧରାଯାଇଛି ।

## ପଞ୍ଚାୟତି ରାଜ

ଆମେ ସବୁ ଜାଣୁ ଯେ ପୁରାଣ ଯୁଗରେ ବଡ଼ ବଡ଼ ଜନପଦମାନଙ୍କରେ ଲୋକେ ସିଧାସଳଖ ଶାସନ କରୁଥିଲେ । ଅର୍ଥାତ୍ ସେଗୁଡ଼ିକ ସ୍ୱୟଂ ଶାସିତ ଜନପଦ ଥିଲା । ବୁଦ୍ଧଦେବ ଯେଉଁ କପିଳବସ୍ତୁ ରାଜ୍ୟରେ ଜନ୍ମ ହୋଇଥିଲେ ତାହା ଆଗରୁ କୌଣସି ରାଜାଙ୍କ ଅଧୀନରେ ନଥିଲା । ଭିନ୍ନ ବସ୍ତି

ତା ଜନପଦର ଅଧିକାରୀମାନେ ସଭାରେ ମିଳିତ ହୋଇ ଶାସନର ନିଷ୍ପତ୍ତି ନେଉଥିଲେ । ଲୋକମାନେ ନିଜ ନିଜ ଭିତରେ ଥିବା ସମସ୍ୟାର ଆପୋଷ ସମାଧାନ କରି ନେଉଥିଲେ ।

ସବୁ କୃଷିଜମି ଗାଆଁବାଲା ସମସ୍ତଙ୍କର ଥିଲା । ବ୍ୟକ୍ତିର ମାଲିକାନା ନଥିଲା । ଗ୍ରାମର କୋଠଗୃହ ଓ ପଞ୍ଚାୟତ ବ୍ୟବସ୍ଥା ସାଙ୍ଗକୁ ସାଙ୍ଗ ଭଲ ହୋଇ ଚାଲିଥିଲା ।

ଇଂରେଜମାନେ ଆସିଲେ । ଗ୍ରାମବାସୀଙ୍କ ଉପରେ ଜମିଦାର ଛିଡ଼ା କରାଇଦେଲେ । କାଇମ୍ୟାଗ ବନ୍ଦୋବସ୍ତ କରି ଗ୍ରାମର କୋଠଗୃହକୁ ଭାଙ୍ଗିଦେଲେ । ଲୋକଙ୍କ ପରସ୍ପର ସମ୍ପର୍କ କଟିଗଲା ଏବଂ ଗ୍ରାମରେ ଗଣତନ୍ତ୍ର ଶାସନ ଭୁଷୁଡ଼ି ପଡ଼ିଲା ।

ଆମେ ସ୍ୱାଧୀନତା ପାଇଲୁ ପରେ ଗ୍ରାମମାନଙ୍କରେ ପଞ୍ଚାୟତ ଶାସନ ପୁଣି ଚାଲୁ କରିବା ପାଇଁ ସଂବିଧାନରେ ନିୟମ ରଖାଗଲା । ୧୯୪୮ ରେ ଟିସକେବେଲର ସେଣ୍ଟ୍ରାଲ ପ୍ରଭିନସ (ବର୍ତ୍ତମାନର ମଧ୍ୟପ୍ରଦେଶ)ରେ ଜନପଦ ଆଇନ ତିଆରି ହେଲା । କିନ୍ତୁ ସାରା ଦେଶରେ ଗାଁ ଗହଳମାନଙ୍କରେ ଲୋକମାନଙ୍କୁ ସ୍ୱାୟତ୍ତଶାସନ ଦେବାପାଇଁ ଓ ଗ୍ରାମର ବିକାଶ ପାଇଁ ୧୯୫୨ ରେ କମ୍ୟୁନିଟି ଡେଭେଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ ହେଲା ।

ଗ୍ରାମମାନଙ୍କୁ କିପରି ଭାବରେ ଓ କେତେ ପରିମାଣରେ କ୍ଷମତା ଦିଆଯିବ ସେ ବିଷୟରେ ବଳବନ୍ତରାୟ ମେହେଟ୍ଟା ଅନୁଧ୍ୟାନ କଲେ । ମେହେଟ୍ଟାକମିଟି "ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ" ନାମରେ ଗୋଟିଏ ବଡ଼ ସୁପାରିଶ କଲେ । କେନ୍ଦ୍ର ସ୍ତରରୁ କ୍ଷମତାଗୁଡ଼ିକୁ କାଢ଼ିନେଇ ତଳ ପାହ୍ୟାରେ ଥିବା ଅନୁଷ୍ଠାନଗୁଡ଼ିକୁ ଦେଇ ଦିଆଗଲେ କ୍ଷମତାର ବିକେନ୍ଦ୍ରୀକରଣ ହୁଏ ।

ଏହି ସୁପାରିଶ ଅନୁଯାୟୀ ୧୯୫୯ ଅକ୍ଟୋବର ୨ ତରି ପ୍ରଥମେ ରାଜସ୍ଥାନରେ ପଞ୍ଚାୟତ ରାଜ ଆରମ୍ଭ ହେଲା । ପରେ ଅନ୍ୟ ରାଜ୍ୟମାନଙ୍କରେ ଚାଲୁହେଲା ।

ପ୍ରଥମେ ପ୍ରଥମେ ସବୁ ରାଜ୍ୟରେ ତିନି ଥାକିଆ ପଞ୍ଚାୟତ ରାଜ ବ୍ୟବସ୍ଥା ଥିଲା । ଗ୍ରାମ ସଭା ବା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ । ପରେ କେତେକ ରାଜ୍ୟ ପରିଷଦ ଉଠାଇ ଦେଲେ । ଓଡ଼ିଶା ମଧ୍ୟ ଜିଲ୍ଲା ପରିଷଦ ଉଠାଇ ଦେଇଛି । ଓଡ଼ିଶାରେ କେବଳ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି କାମ କରୁଛି ।

କେତେଗୁଡ଼ିଏ ଛୋଟ ଗ୍ରାମକୁ ମିଶାଇ ଗୋଟିଏ ଗ୍ରାମପଞ୍ଚାୟତ ଗଢ଼ାଯାଏ । ଖୁବ୍ ବଡ଼ ଗ୍ରାମ ହୋଇଥିଲେ ଗୋଟିଏ ଗ୍ରାମ ବି ଗ୍ରାମପଞ୍ଚାୟତ ହୋଇପାରେ । ପଞ୍ଚାୟତ ଭିତରେ ବସବାସ କରୁଥିବା ସବୁ ଭୋଟରମାନେ ମିଶି ଯେଉଁ ସାଧାରଣ ସଭା କରନ୍ତି ତା'କୁ ଗ୍ରାମ ସଭା କୁହାଯାଏ । କିନ୍ତୁ ଆମ ରାଜ୍ୟ ଓଡ଼ିଶାରେ ଏଭଳି ଗ୍ରାମସଭା ନାହିଁ, ଗ୍ରାମପଞ୍ଚାୟତ ଅଛି ।

ଗ୍ରାମପଞ୍ଚାୟତ ଆଇନରେ ପଞ୍ଚାୟତକୁ ବହୁତ କ୍ଷମତା ଦିଆଯାଇଛି । କିନ୍ତୁ ଏଥିରେ ଭୋଟରମାନେ ସିଧାସଳଖ ଭାଗନିଅନ୍ତି ନାହିଁ ।

ଲୋକସଂଖ୍ୟା ଅନୁପାତରେ ୱାର୍ଡ଼ ଗଢ଼ାଯାଏ, ୱାର୍ଡ଼ ଗୋଟିଏ ପୂରା ଗାଁ ହୋଇପାରେ, କିମ୍ବା ଗୋଟିଏ ମହଲା ବା ସାହି ହୋଇପାରେ । ସାବାଳକ ସ୍ତ୍ରୀ ଓ ପୁରୁଷମାନଙ୍କ ଦ୍ୱାରା ଭୋଟବଳରେ ୱାର୍ଡ଼ମେମ୍ବର ଓ ସରପଞ୍ଚ ନିର୍ବାଚିତ ହୁଅନ୍ତି । ସରପଞ୍ଚ ପଞ୍ଚାୟତର ସଭାପତି ହୁଅନ୍ତି; ୱାର୍ଡ଼ମେମ୍ବରମାନେ ଗ୍ରାମପଞ୍ଚାୟତର ସଭ୍ୟ ।

ବର୍ଷରେ ଅତିକମ୍‌ରେ ଦୁଇଥର ପଞ୍ଚାୟତ ବସିବା ଉଚିତ । ଗ୍ରାମପଞ୍ଚାୟତରେ କାମକୁ ତନଖି କରିବା ପଞ୍ଚାୟତ ସଭାର କାମ । ଗାଁର ଲୋକେ ଏ କାମରେ ବେଶୀ ଆଗ୍ରହ ଦେଖାଉ ନାହାନ୍ତି । ବହୁତ ଦିନ ହେଲା ପଞ୍ଚାୟତ ସଭା ଅକାମୀ ହୋଇଯାଇଛି । ସରପଞ୍ଚ ଯାହା କହୁଛି ବା କରୁଛି ତାକୁ ଯାଞ୍ଚ କରିବାକୁ ବା ତା' ବିରୁଦ୍ଧରେ କହିବାକୁ କେହି ଆଗେଇ ଆସୁ ନାହାନ୍ତି । ଗ୍ରାମପଞ୍ଚାୟତର ଖର୍ଚ୍ଚ ଅଟକଳ ପାଶ୍ କରାଇ ନେବାପାଇଁ ସରପଞ୍ଚ ସଭା ଡାକୁଛି । ଆଇନରେ ଏହାର ଦରକାର ନଥିଲେ ବୋଧହୁଏ ପଞ୍ଚାୟତ ସଭାକୁ ଲୋକେ ଭୁଲି ଯାଆନ୍ତେ ।

ଗ୍ରାମପଞ୍ଚାୟତକୁ ଯେଉଁ କାମ ଦିଆଯାଇଛି ତହିଁରେ ସବୁଠାରୁ ବଡ଼କଥା ହେଲା ହିସାବ ଯାଞ୍ଚ କରିବା ।

ଗ୍ରାମପଞ୍ଚାୟତ ଉପରେ ହୋଇଥିବା ହିସାବ ତଦାରଖରେ ଯାହାଙ୍କର ଦୋଷତ୍ରୁଟି ବାହାରେ ସେଥିପାଇଁ କିଏ ଦାୟୀ ତା' ବିରୁଦ୍ଧରେ ଦଣ୍ଡ ବିଧାନର ପ୍ରସ୍ତାବ ଦେବା । ଭବିଷ୍ୟତରେ ଏପରି ଦୋଷତ୍ରୁଟି ଯେପରି ନ ହୁଏ ତାହା ଦେଖିବା ।

ଅନ୍ୟ କାମଗୁଡ଼ିକ ଭିତରେ ହେଲା ଗ୍ରାମପଞ୍ଚାୟତର ପରିଚାଳନା ରିପୋର୍ଟ ଦେଖିବା; ଚଳିତ ବର୍ଷର ଖଜଣା ଟିକସ ଓ କର ଆଦାୟ ପାଇଁ ଯେଉଁ ପ୍ରସ୍ତାବ ଆସିଛି ତା'କୁ ତନଖିବା । ଆସନ୍ତାବର୍ଷ ପାଇଁ କ'ଣ କ'ଣ କାର୍ଯ୍ୟ ହେବ ତାହା ପରୀକ୍ଷା କରିବା । ଗ୍ରାମ ପଞ୍ଚାୟତ ସୀମା ଭିତରେ କୌଣସି ନୂଆ ଯୋଜନା କାର୍ଯ୍ୟକାରୀ ହେଉଥିଲେ ତାହାର ମଧ୍ୟ ବିଚାର କରିବା ।

ଗ୍ରାମପଞ୍ଚାୟତ କ'ଣ କ'ଣ କାମ କରିପାରିବ ତାକୁ ଦୁଇଭାଗ କରି ହେବ । କେତେକ ବାଧ୍ୟତାମୂଳକ ଓ ଆଉ କେତେଗୁଡ଼ିଏ ଇଚ୍ଛାଧୀନ । ବାଧ୍ୟ ହୋଇ କରିବା କାମ ଭିତରେ ଜଳ ଯୋଗାଇବା, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରିବା, ରାସ୍ତା, ନାଳ ଓ ପୋଖରୀର ମରାମତି କରିବା, ଗାଁ ରାସ୍ତାରେ ଲାଇଟ୍ ଦେବା, ନିଜ ଅଧୀନରେ ଥିବା ଜମିର ସଦ୍ ବ୍ୟବହାର କରିବା, ପ୍ରାଥମିକ ସ୍କୁଲ ଉପରେ ନଜର ରଖିବା ଇତ୍ୟାଦି ।

ଆମ ରାଜ୍ୟର ଗ୍ରାମପଞ୍ଚାୟତ ଆଇନରେ ନ୍ୟାୟ ପଞ୍ଚାୟତ, ବୋଲି ଗୋଟିଏ ଅନୁଷ୍ଠାନ ଅଛି । କିନ୍ତୁ ଆମ ରାଜ୍ୟ ସରକାର ତାହା କାର୍ଯ୍ୟକାରୀ କରି ନାହାନ୍ତି ।

ଗ୍ରାମ ପଞ୍ଚାୟତ ଉପରକୁ ପଞ୍ଚାୟତ ସମିତି । ସବୁ ସରପଞ୍ଚମାନେ, ସ୍ଥାନୀୟ ବିଧାନସଭା ସଦସ୍ୟ ଓ ପାର୍ଲାମେଣ୍ଟ ସଦସ୍ୟ ଏହି ପଞ୍ଚାୟତ ସମିତିର ସଦସ୍ୟ । କେତେକେତେ ମ୍ୟୁନିସିପାଲିଟି ବା କୋଅପରେଟିଭ୍ ଭଳି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଏଥିରେ ଥା'ନ୍ତି । ଏହିମାନଙ୍କ ଭିତରୁ ଜଣେ ପଞ୍ଚାୟତ ସମିତିର ଚେୟାରମ୍ୟାନ୍ ନିର୍ବାଚିତ ହୁଏ । ସରପଞ୍ଚମାନଙ୍କ ଦ୍ୱାରା ପଞ୍ଚାୟତ ସମିତି ଗଢ଼ାହୋଇ ଥିବାରୁ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ଭିତରେ ସମ୍ପର୍କ ଦୃଢ଼ ହୁଏ ।

ପ୍ରତି ପଞ୍ଚାୟତ ସମିତି ଅଞ୍ଚଳକୁ ବ୍ଲକ୍ କୁହାଯାଉଛି ଏବଂ ତହିଁରେ ବି. ଡ଼ି. ଓ. ବା ମଣ୍ଡଳ ଉନ୍ନୟନ ଅଧିକାରୀ ସରକାରଙ୍କ ତରଫରୁ କାମ କରନ୍ତି । ସରକାରଙ୍କ ଯାବତୀୟ ଯୋଜନାକୁ ବ୍ଲକ ସ୍ତରରେ ବାଣ୍ଟି ଦିଆଯାଏ । ବିଭିନ୍ନ ବିଭାଗର ସରକାରୀ କାମ ମଧ୍ୟ ବ୍ଲକ ଜରିଆରେ ଆସି ପଞ୍ଚାୟତ ସମିତି ଦ୍ୱାରା କାର୍ଯ୍ୟକାରୀ କରାହୁଏ । ଏହାଛଡ଼ା ପଞ୍ଚାୟତ ସମିତିର କେତେକ ଆଇନଗତ କାମ ଅଛି ।


ସାଧାରଣତଃ ଶିକ୍ଷା, ଜଳଯୋଗାଣ, ସ୍ୱାସ୍ଥ୍ୟରକ୍ଷା, ଗମନାଗମନ ଓ ସମାଜମଙ୍ଗଳ ଆଦି ସମ୍ପର୍କରେ ଯେତେ ଉନ୍ନୟନ କାମ, ସବୁ ପଞ୍ଚାୟତ ସମିତି କରିବା କଥା । ଏଥିଲାଗି କରଧାର୍ଯ୍ୟ କରିବା, ଟିକସ ବସାଇବା, ବର୍ଷିକିଆ ନିଲାମ ଦେବା, ଆଦି ଉପାୟରେ ପଞ୍ଚାୟତ ସମିତି ନିଜର ଆୟ ବଢ଼ାଏ । ଏହାଛଡ଼ା ସରକାରୀ ଅନୁଦାନ ମଧ୍ୟ ମିଳେ ।

ପଞ୍ଚାୟତ ରାଜ ବ୍ୟବସ୍ଥା ଗଢ଼ିବା ରାଜ୍ୟ ସରକାର-ମାନଙ୍କ କାମ । କିନ୍ତୁ ୧୯୮୪ରେ କଂଗ୍ରେସ ସରକାର

କେନ୍ଦ୍ର ସ୍ତରରୁ ପାର୍ଲାମେଣ୍ଟ କରିଆରେ ପଞ୍ଚାୟତ ରାଜ (ଗାଁମାନଙ୍କ ପାଇଁ) ଓ ନଗରପାଳିକା (ସହରମାନଙ୍କ ପାଇଁ) ସମ୍ପର୍କରେ ନୂତନ ଆଇନ କରିବାର ଚେଷ୍ଟା କରିଥିଲେ । କିନ୍ତୁ ତାହା ପାର୍ଲାମେଣ୍ଟର ଅନୁମୋଦନ ପାଇ ପାରିଲା ନାହିଁ ।

ଗାଁକୁ ଗ୍ରାମବାସୀଙ୍କ ହାତରେ ଛାଡ଼ିଦିଅ, ଏହା ଥିଲା ମହାତ୍ମାଗାନ୍ଧୀଙ୍କ ଇଚ୍ଛା । ଗାଁ ଶାସନ ଚଳାଇ ପାରିଲେ ଦେଶ ଶାସନ ପାଇଁ ଭଲ ତାଲିମ ମିଳିଯାଏ ।

ଗଣତନ୍ତ୍ର ଶାସନରେ ଆମର ଭୂମିକା ଭଲ ଭାବରେ ତୁଲାଇବା ପାଇଁ ଆମକୁ ଗ୍ରାମପଞ୍ଚାୟତ ସ୍ତରରୁ ଆରମ୍ଭ କରିବାକୁ ପଡ଼ିବ ।





ରଚନା : ସୁବ୍ରତ ସାହୁ

ସହାୟତା : ସହଦେବ ସାହୁ